## ସଂକ୍ଷେପରେ

### ୧୧ ଦୋକାନ ସିଲ୍

ପାଟପୁର,୨୯।୭- ସାନଖେମୁଣ୍ଡି ବ୍ଲକରେ କରୋନା ପଜିଟିଭ ସଂଖ୍ୟା ବଢୁଥିବାରୁ ତହସିଲ ପ୍ରଶାସନ ପକ୍ଷରୁ ଯାଞ୍ଚ କଡାକଡି କରାଯାଉଛି। ତହସିଲଦାର ଅମିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବ୍ଲକର ସମସ୍ତ ପଞ୍ଚାୟତ ପରିଦର୍ଶନ କରୁଛନ୍ତି। ରେଡ୍‌ଜୋନ୍ ଓ ବଫର ଜୋନ ଥିବା ପାଟପୁର, ରାଧାଦେଇପୁର, କଙ୍କୋରଡା, କଉଡିଆ ଗ୍ରାମରେ ଚା' ଦୋକାନ, ଫାଷ୍ଟଫୁଡ ଦୋକାନ ଓ ତେଜରାତି ଦୋକାନରେ ଲୋକେ ବିନା ମାସ୍କରେ ଗହଳି କରିଥିଲେ। ଖବରପାଇ ତହସିଲ ଟିମ୍ ବୁଧବାର ଚଢ଼ାଉ କରି ୧୧ ଦୋକାନ ସିଲ୍ କରିବା ସହ ୧୫,୨୦୦ ଟଙ୍କା ଜରିମାନା ଆଦାୟ କରିଛି।

### ଗଞ୍ଜେଇ ଜବତ, ୨ ଗିରଫ

ଆର୍.ଉଦୟଗିରି, ୨୯।୭ (ଡି.ଏନ୍.ଏ.)- ମୋହନା ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ପଥରଗଡା ଗାଁ ପାଖରେ ଏକ କାର୍ ଅଟକାଇ ଯାଞ୍ଚ କରିବାରୁ ୨ଟି ବସ୍ତାରୁ ଗଞ୍ଜେଇ ମିଳିଥିଲା। ଚାଳକ ଝାଡ଼ଖଣ୍ଡ ଧାନବାଦ୍‌ର ପ୍ରମିନ୍ଦ୍ର କୁମାର ରାୟ ଓ ପବନ ପ୍ରସାଦ ଶିକୁଳିପଦର ଅଞ୍ଚଳରୁ ଏହି ଗଞ୍ଜେଇ ଧରି ଧାନବାଦ ଯାଉଥିବା କହିଥିଲେ। ଜବତ ଗଞ୍ଜେଇ ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ଉପସ୍ଥିତିରେ ଓଜନ କରି ୫୩ କେଜି ଥିବା ଜଣାପଡିଥିଲା। ପୋଲିସ କାର୍ (ନଂ.ଡବ୍ଲ୍ୟୁବି୨୬ସି-୯୩୬୯) ଜବତ କରିବା ସହ ପ୍ରମିନ୍ଦ୍ର ଓ ପବନଙ୍କୁ ଗିରଫ କରିଛି। ଏନେଇ ମୋହନା ଥାନାରେ ମାମଲା (ନଂ.୧୧୮/୨୦) ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।

### ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ଆସିକା,୨୯।୭(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଗୋବରା ପଞ୍ଚାୟତ ବାସୁଦେବପୁର ଗ୍ରାମ ଅଙ୍ଗନୱାଡି କର୍ମୀଙ୍କୁ ବୁଧବାର ଆକ୍ରମଣ ହୋଇଛି। ସଙ୍ଗରୋଧରେ ଥିବା ଜଣେ କରୋନା ଆକ୍ରାନ୍ତଙ୍କ ସ୍ତ୍ରୀ ମାଡ ମାରିଥିବା କର୍ମୀ ସୁନିତା କୁମାରୀ ଗୌଡ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ମାମଲା (ନଂ.୨୧୧/୨୦) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି। ସେହି ଗ୍ରାମର ଜଣେ କରୋନା ସଂକ୍ରମିତ ନୁଣିପଡାସ୍ଥିତ କୋଭିଡ୍ କେୟାର ହୋମ୍‌ରେ ୫ଦିନ ରହିବା ପରେ ଗ୍ରାମକୁ ମଙ୍ଗଳବାର ସନ୍ଧ୍ୟାରେ ଆସିଥିଲେ। ସୁନୀତା ବୁଧବାର ସକାଳେ ତାଙ୍କ ଘରକୁ ଯାଇ ସଙ୍ଗରୋଧ ନିୟମ ସମ୍ପର୍କରେ କହିବାରୁ ଆକ୍ରାନ୍ତଙ୍କ ସ୍ତ୍ରୀ ଗାଳିଗୁଲଜ କରିବା ସହ ମାଡ ମାରିଥିବା ଅଭିଯୋଗ ହୋଇଛି।

### ନରେନ୍ଦ୍ରପୁର ହାଟ ବନ୍ଦ କଲା ପ୍ରଶାସନ

ଛତ୍ରପୁର,୨୯।୭(ଡି.ଏନ୍.ଏ.)- ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ସାପ୍ତାହିକ ହାଟ ବୁଧବାର ଚାଲିଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ନିୟମ ଉଲ୍ଲଂଘନ କରି ହାଟ ଖୋଲିଥିବା ଲିଜଧାରୀଙ୍କ ନାଁରେ ଚମାଖଣ୍ଡି ଥାନାରେ ପ୍ରଶାସନ ପକ୍ଷରୁ ଏତଲା ଦିଆଯାଇଛି।

### ପ୍ରଫେସର ବାସୁଦେବ ସାହୁଙ୍କ ସ୍ମୃତିସଭା

ବ୍ରହ୍ମପୁର ଅଫିସ,୨୯।୭-ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରାକ୍ତନ ପ୍ରଫେସର ସ୍ୱର୍ଗତ ବାସୁଦେବ ସାହୁଙ୍କର ପଞ୍ଚଦଶତମ ଶ୍ରାଦ୍ଧ ବାର୍ଷିକୀ ସଭା ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅଧ୍ୟାପନା ଶୈଳୀ ଓ ଗବେଷଣାର କୌଶଳ ଅବିସ୍ମରଣୀୟ ହୋଇ ରହିବ। ତାଙ୍କର ପ୍ରକାଶିତ ୩୧ ପୁସ୍ତକ ମଧରେ ସର୍ଜନଶୀଳ ପ୍ରତିଭା ଓ ଗଭୀର ମନୀଷା ଅନୁଭବ କରିହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନାଟ୍ୟକାର ପ୍ରଫେସର ନାରାୟଣ ସାହୁ, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ଯଥାକ୍ରମେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସଭାରେ ଯୋଡିହୋଇ ସାହୁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ପ୍ରଫେସର ସାହୁ ଗବେଷଣା ଓ ସ୍ମୃତି ପରିଷଦ ସଭାପତି ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆୟକର ବିଭାଗ ଅବସରପ୍ରାପ୍ତ କମିଶନର ସନ୍ତୋଷ କୁମାର ସାହୁ, ପ୍ରଫେସର ସଂଘମିତ୍ରା ମିଶ୍ର, ଡ. ଜ୍ୟୋତ୍ସ୍ନାମୟୀ ରାଉତ, ଡ. ମଦନ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ସଂଯୋଜିତ କାର୍ଯ୍ୟକ୍ରମରେ ବୈଷୟିକ ସହଯୋଗ କରିଥିଲେ ସୁଧନ୍ୟା ସାହୁ ଓ ସୁପୁଣ୍ୟା ସାହୁ। ଅଧ୍ୟାପିକା ସୁଧାମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜାମ ଜିଲାରେ ପାସ୍ ହାର ୮୨ ପ୍ରତିଶତ

ବ୍ରହ୍ମପୁର ଅଫିସ,୨୯।୭

■ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ
■ହ୍ରାସ ପାଇଛି ଏ-୧ ଗ୍ରେଡ଼ଧାରୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା

ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ଗଞ୍ଜାମ ଜିଲାରେ ପାସ ହାର ବୃଦ୍ଧିପାଇଛି। ଚଳିତ ବର୍ଷ ପାସ ହାର ୮୨ ପ୍ରତିଶତ ରହିଥିବା ନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଯାହା ଗତ ବର୍ଷ ତୁଳନାରେ ଅଧିକ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନା ପ୍ରକାରେ, ଚଳିତ ବର୍ଷ ଜିଲାରେ ମାଟ୍ରିକ ପରୀକ୍ଷା ପାଇଁ ୬୩୯ ସ୍କୁଲର ୪୬୩୩୬ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ଜିଲାରେ ହୋଇଥିବା ୨୧୫ କେନ୍ଦ୍ରରେ ୪୫୭୦୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୭୪୭୭ ଛାତ୍ରୀଛାତ୍ର ପାସ କରିଛନ୍ତି। ଗତ ଶିକ୍ଷାବର୍ଷରେ ଜିଲାର ପାସ ହାର ୭୧.୮୫ ପ୍ରତିଶତ ରହିଥିବା ବେଳେ ଚଳିତ ବର୍ଷ ପାସ ହାର ବୃଦ୍ଧି ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ତେବେ କରୋନା ସତ୍ତ୍ୱେ ଜିଲାରେ ପାସ ହାର ୮୨ ପ୍ରତିଶତକୁ ବୃଦ୍ଧି ପାଇଥିବା ଜିଲା ଶିକ୍ଷାଧିକାରୀ ଅମୁଲ୍ୟ କୁମାର ପ୍ରଧାନ ସୂଚାଇଛନ୍ତି। ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ-୧ ଗ୍ରେଡଧାରୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଗତ ଶିକ୍ଷା ବର୍ଷ ତୁଳନାରେ ହ୍ରାସ ପାଇଛି। ଗତ ବର୍ଷ ଏ-୧ ଗ୍ରେଡ୍ ରଖି ୧୭୦ ଛାତ୍ରୀଛାତ୍ର ପାସ କରିଥିବା ବେଳେ ଚଳିତ ବର୍ଷ ୧୪୯ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ପାସ କରିଛନ୍ତି। ଏହାବ୍ୟତୀତ ୯୧୩ ଏ-୨, ୧୯୩୫ ବି-୧, ୩୧୯୨୧ ବି-୨ ଗ୍ରେଡରେ ପାସ୍ କରିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚାଯାଇଛି।

# ଗଜପତିରେ ପାସ୍ ହାର ୭୫.୮୨ପ୍ରତିଶତ

ପାରଳାଖେମୁଣ୍ଡି,୨୯।୭ (ସ୍ୱ.ପ୍ର.)

**ଜଣେ ବି ପାଇନାହାନ୍ତି ଏ-୧ଗ୍ରେଡ୍**

ଗଜପତି ଜିଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାସ ହାର ୭୫.୮୨ ପ୍ରତିଶତ ରହିଛି। ଜିଲାରେ ପାସ ହାର ଭଲ ଥିଲେ ମଧ କେହି ଜଣେ ଏ-୧ ଗ୍ରେଡ୍‌ରେ ନାହାନ୍ତି। ଯାହାକି ଜିଲାର ଶିକ୍ଷାବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜିଲାରେ ମୋଟ ୭,୪୭୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୭,୨୬୨ ଜଣ ପରୀକ୍ଷା ଦେଇଥିବା ବେଳେ ୭୫.୮୨% ଅର୍ଥାତ୍ ୫,୫୦୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨,୭୧୨ ଜଣ ଛାତ୍ର ଓ ୨,୭୯୪ ଜଣ ଛାତ୍ରୀ ଅଛନ୍ତି। ପାସ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ-୨ ଗ୍ରେଡ୍‌ରେ ୧୪ଜଣ, ବି-୧ ଗ୍ରେଡ୍‌ରେ ୩୮ଜଣ, ବି-୨ ଗ୍ରେଡ୍‌ରେ ୧୪୭ଜଣ, ସି ଗ୍ରେଡ୍‌ରେ ୩୮୫ଜଣ, ଡି ଗ୍ରେଡ୍‌ରେ ୧,୧୧୫ଜଣ, ଇ ଗ୍ରେଡ୍‌ରେ ୩,୮୦୭ଜଣ, ଏଫ ଗ୍ରେଡ୍‌ରେ ୧,୭୫୪ ଜଣ ଅଛନ୍ତି। ୨ଜଣ କପି କରି ଧରାପଡିଥିଲେ ବୋଲି ସୂଚନା ମିଳିଛି। ତେବେ ଜିଲାପାଳଙ୍କ ଦ୍ୱାରା କରାଯାଇଥିବା ସୁପର-୩୦ ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ ଜଣ ଗ୍ରେଡ ଏ-୨ରେ କୃତକାର୍ଯ୍ୟ ହୋଇଥିବା ଚର୍ଚ୍ଚା ହେଉଛି।

# କନ୍ଧମାଳରେ ୮୬.୩୨% ପାସ୍

ଫୁଲବାଣୀ ଅଫିସ, ୨୯।୭

କନ୍ଧମାଳ ଜିଲାରେ ଚଳିତଥର ମାଟ୍ରିକ୍ ପାସ୍‌ହାର ୮୬.୩୨ ପ୍ରତିଶତ ହୋଇଛି। ରାଜ୍ୟରେ କନ୍ଧମାଳ ୫ମ ସ୍ଥାନ ଅଧିକାର କରିଛି। ଜିଲାରେ ମୋଟ ୫ଜଣ ଏ-୧ରେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ତୁମୁଡିବନ୍ଧ ବ୍ଲକ ଜଳେଶପଟା ସରକାରୀ ହାଇସ୍କୁଲର ଛାତ୍ରୀ ମିନାକ୍ଷୀ ମଲ୍ଲିକ ୫୫୬ ନମ୍ବର (୯୨.୬୬%) ରଖି ଜିଲାରେ ଟପ୍ପର ହୋଇଛନ୍ତି।

ଚଳିତବର୍ଷ ଜିଲାର ୨୦୪ଟି ହାଇସ୍କୁଲର ୯୦୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭,୮୪୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ରେ ୫ ଜଣ, ଏ -୨ରେ ୫୧ ଜଣ, ବି-୧ରେ ୧୫୫ ଜଣ, ବି-୨ରେ ୩୬୧ ଜଣ, ସି ଗ୍ରେଡ୍‌ରେ ୮୨୬ ଜଣ, ଡି ଗ୍ରେଡ୍‌ରେ ୧୮୮୬ ଜଣ ଓ ଇ ଗ୍ରେଡ୍‌ରେ ୪୫୬୩ ଜଣ ପାସ କରିଛନ୍ତି। ମୀନାକ୍ଷୀଙ୍କ ପରେ ବାଲିଗୁଡା ସରକାରୀ ହାଇସ୍କୁଲର ଛାତ୍ରୀ ଅର୍ପିତା ମହାରାଣା ୯୦.୩୩ ପ୍ରତିଶତ ହାରରେ ୫୪୨ ନମ୍ବର ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କ. ନୂଆଗାଁ ସରକାରୀ ହାଇସ୍କୁଲର ଛାତ୍ର ଆଶୁତୋଷ ଦାସ, ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଆୟୁଷ ମହାନ୍ତି ଓ ବ୍ରାଇଟ୍ ଦିଗାଲ ୯୦ ପ୍ରତିଶତ ହାରରେ ୫୪୦ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି।


"ପରିଶ୍ରମର ଫଳ ମିଳିଛି। ଅଧିକ କିଛି ନମ୍ବର ରହିବ ବୋଲି ଆଶା ଥିଲା। ଭଲ ମାର୍କ ପାଇଁ କଠିନ ପରିଶ୍ରମ କରୁଥିଲି। ଭବିଷ୍ୟତରେ ଭଲ ଡାକ୍ତର ହେବି। ରୋଗୀଙ୍କ ସେବା କରିବା ମୋର ପ୍ରଥମ ଲକ୍ଷ୍ୟ।

–ଆୟୁଷ ମହାନ୍ତି


"ଭଲ ରେଜଲ୍ଟ କରିବା ଲକ୍ଷ୍ୟ ଥିଲା। ସେଥିରେ ସଫଳ ହୋଇଛି। ଆହୁରି ଭଲ ହୋଇଥିଲେ ଅଧିକ ଖୁସି ଲାଗିଥାନ୍ତା ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଦେଶ ସେବା କରିବି।

–ବ୍ରାଇଟ ଦିଗାଲ


"କେତୋଟି ବିଷୟରେ ଆଶା ଅନୁସାରେ କମ୍ ନମ୍ବର ରହିଲା। ଯେତିକି ନମ୍ବର ମିଳିବା ନେଇ ଆକଳନ କରୁଥିଲି, ତାହା ହେଲା ନାହିଁ। ତଥାପି ସଫଳତାରେ ଖୁସି। ଭବିଷ୍ୟତରେ ଡାକ୍ତର ହୋଇ ସେବା କରିବାକୁ ଇଚ୍ଛା।

–ଆଶୁତୋଷ ଦାସ

### ବୁଗୁଡା ବ୍ଲକ ଟପ୍ପର ହେଲେ କାଜଲ

ବୁଗୁଡ଼ା,୨୯।୭(ଡି.ଏନ.ଏ.)



୨୦୨୦ ମାଟ୍ରିକ ଫଳ ବୁଧବାର ପ୍ରକାଶ ପାଇଛି। ବୁଗୁଡ଼ା ବ୍ଲକ ବାଲିପଦର ଶ୍ରୀ ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କାଜଲ ସ୍ୱାଇଁ ୫୬୪ ମାର୍କ ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ସ୍ଥାନୀୟ ନିୟୁଏରା ପବ୍ଲିକ ସ୍କୁଲର ଛାତ୍ରୀ ପ୍ରୀତିମୟି ଜେନା ୫୬୪ ମାର୍କ ରଖିଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏନେଇ ସେମାନଙ୍କର ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ର ଅଭିନନ୍ଦନ ଜଣାଇଛନ୍ତି।

# ମାଡ୍ରାସ ଆଇଆଇଟିରେ ପଢ଼ିବେ ଦିନମଜୁରିଆଙ୍କ ପୁଅ

ଶେରଗଡ଼,୨୯।୭(ଡି.ଏନ୍.ଏ.)


ମଙ୍ଗୁଲୁଚରଣ ନାହାକ।

ଶେରଗଡ଼ ବ୍ଲକ ଡେଙ୍ଗାପଦରର ମଙ୍ଗୁଲୁ ଚରଣ ନାହାକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଗତ ୨୭ ତାରିଖରେ ଆଇଆଇଟି ମାଡ୍ରାସ ପକ୍ଷରୁ ଆଡ୍‌ମିଶନ ପାଇଁ ମଙ୍ଗୁଲୁଙ୍କ ନିକଟକୁ ଚିଠି ଆସିଛି। ୨୦୧୯ରେ ସେ କ୍ୟାଟ୍ (ସିଏଟି) ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ମାଡ୍ରାସ୍ ଆଇଆଇଟିରେ ପଢିବାକୁ ଅନ୍‌ଲାଇନ୍‌ରେ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ଏହି ୨ ବର୍ଷିଆ କୋର୍ସ ପାଇଁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବହୁ ଅର୍ଥର ଆବଶ୍ୟକ ଥିବାରୁ ରଘୁନାଥ ମଠ ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀ ଏନେଇ ତାଙ୍କୁ ସହାୟତାର ହାତ ବଢାଇଛନ୍ତି। ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ସେ ସହାୟତା କରିବାକୁ ଡେଙ୍ଗାପଦର ସରପଞ୍ଚ ରାମକୃଷ୍ଣ ପଲେଇ, ସମିତିସଭ୍ୟ ବୁଢା ପ୍ରଧାନ, ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ମଙ୍ଗୁଳକୁଙ୍କ ବାପା ଜଣେ ଦିନ ମଜୁରିଆ ହୋଇଥିବାରୁ ଏତେ ଟଙ୍କା କିପରି ଯୋଗାଡ଼ କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି।

# ରାସ୍ତା ନିର୍ମାଣ କଲେ ମହିଳା ସଂଘ, ପ୍ରବାସୀ ଶ୍ରମିକ

ଛତ୍ରପୁର,୨୯।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନଏସିର ରାମନଗର ଦ୍ୱିତୀୟ ଲେନ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସହ ପାଣି ଜମି ରହୁଥିଲା। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତରେ ଲୋକଙ୍କୁ ଅସୁବିଧା ହେଉଥିଲା। ଏନଏସି ପକ୍ଷରୁ ଚାଲିଥିବା ସହରାଞ୍ଚଳ ମଜୁରୀ ନିଯୁକ୍ତି ଯୋଜନାରେ ମହିଳା ସଂଘର ସଦସ୍ୟା ଓ ପ୍ରବାସୀ ଶ୍ରମିକମାନେ ଉକ୍ତ ରାସ୍ତାକୁ ନିର୍ମାଣ କରିଛନ୍ତି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ ବୁଧବାର ଟୁଇଟ କରି ପ୍ରଶଂସା କରିଛନ୍ତି।


ପୂର୍ବ ଏବଂ ବର୍ତ୍ତମାନର ରାସ୍ତା।

# ୨ ବଖରା ଜଳିଗଲା, ଯୁବତୀ ଅର୍ଦ୍ଧଦଗ୍ଧ

ଦିଗପହଣ୍ଡି,୨୯।୭(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୈଁଠଡା ପଞ୍ଚାୟତ ଦୁଆରଗାଁରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଭାଗିରଥୀ ନାଇକଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ତାଙ୍କ ଝିଅ ମାମୁନି (ମିଲି) ପୋଡି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଲି ଘରେ ଡିବିରି ଲଗାଇ ଭାତ ବାଢୁଥିବା ବେଳେ ଅସାବଧାନତା କାରଣରୁ ନିଆଁ ଲାଗିଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ମିଲିଙ୍କୁ ଉଦ୍ଧାର କରିଥିଲା।

### ପ୍ଲାଜ୍‌ମା ଦାନ କଲେ ୪ ସିପାହି

ଛତ୍ରପୁର,୨୯।୭(ଡି.ଏନ.ଏ.)

ଛତ୍ରପୁର ଅଷ୍ଟମ ବାଟାଲିୟନର ୪ ସିପାହୀ କରୋନାରୁ ସୁସ୍ଥ ହୋଇ ପୁଣି କାର୍ଯ୍ୟରେ ଯୋଗ ଦେଇଥିଲେ। ସେମାନେ ପ୍ଲାଜ୍‌ମା ଦାନ କରିଛନ୍ତି। ସିପାହୀ ପ୍ରତାପ ଚନ୍ଦ୍ର ବେହେରା, ହିମାଂଶୁ କୁମାର ପାତ୍ର, ବିକାଶ ଭଦ୍ର ପାତ୍ର, ବିନୋଦ ଚନ୍ଦ୍ର ସାହୁ ବୁଧବାର କଟକ ଏସ୍‌ସିବି ମେଡିକାଲ କଲେଜରେ ପ୍ଲାଜ୍‌ମା ଦାନ କରିଛନ୍ତି। ମଙ୍ଗଳବାର ଛତ୍ରପୁର ଏସଡ଼ିପିଓ ଓ ଥାନା ଅଧିକାରୀ ମଧ ପ୍ଲାଜମା ଦାନ କରିଥିଲେ।

# କୁଶାପଲ୍ଲୀରେ ବ୍ୟାପିଲା ଝାଡାବାନ୍ତି

ଜଗନ୍ନାଥପ୍ରସାଦ,୨୯।୭(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ କୁଶାପଲ୍ଲୀ ଗ୍ରାମରେ ଝାଡାବାନ୍ତି ବ୍ୟାପିଛି। ୩୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଓ ଶିଶୁ ଏଯାଏ ଏଥିରେ ଆକ୍ରାନ୍ତ ହେଲେଣି। ଗ୍ରାମରେ ଥିବା କୂଅର ଦୂଷିତ ପାଣି ପିଇବା ଦ୍ୱାରା ଏପରି ହୋଇଥିବା ଜଣାପଡିଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିର୍ଦ୍ଦେଶରେ ହେଲ୍‌ଥ ମୋବାଇଲ୍ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କୂଅରେ ବ୍ଲିଚିଂ ପକାଇ ବିଶୋଧନ କରିଛି। ବ୍ଲକ ପ୍ରଶାସନ ସହଯୋଗରେ ଆକ୍ରାନ୍ତମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା ଚାଲିଛି। କୁଶାପଲ୍ଲୀ ଗ୍ରାମର ସ୍ୱାଗତ ସେନାପତି, ପ୍ରଶାନ୍ତି ସାହୁ, ପହଲି ସାହୁ, ବୁଲୁ ସିନ୍ଦୁରା, ରୀନା ପ୍ରଧାନ, ଲିଲି ପ୍ରଧାନ, ମମୀତ ଶତପଥୀ, ବବିନା ପ୍ରଧାନ, ଦାମିନୀ ସେନାପତି ପ୍ରମୁଖ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ବିଡିଓ ସୁରେଶ ଚନ୍ଦ୍ର ପଣ୍ଡା ମେଡିକାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# କୋଭିଡ୍ ହସ୍ପିଟାଲରେ ପିଇଓଙ୍କ ମୃତ୍ୟୁ

ବୁଗୁଡ଼ା,୨୯।୭(ଡି.ଏନ.ଏ.)


ଶେଷଦେବ ବେହେରା (ଫାଇଲ ଫଟୋ)

ବୁଗୁଡ଼ା ବ୍ଲକ ଗୋଲିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବୁଧବାର ସକାଳେ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ଶେଷଦେବ ବେହେରା (୪୨)। ତାଙ୍କର ମଧୁମେହ ରୋଗ ବାହାରିବା ପରେ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିବାପରେ ୧୭ ତାରିଖରେ କୋଭିଡ୍ ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଆଇସିୟୁରେ ରଖାଯାଇଥିଲା। ମୃତ୍ୟୁ ଖବର ପାଇ ବିଡିଓ ତନ୍ମୟ ପାତ୍ରଙ୍କ ସମେତ ବ୍ଲକ କର୍ମଚାରୀମାନେ ଶୋକ ପ୍ରକାଶ କରିବା ସହ ପିଇଓ ସଂଘ ତରଫରୁ ସଭାପତି ବାଳକୃଷ୍ଣ ଜେନା, ଭଜକୃଷ୍ଣ ସାହୁ, ଗଜେନ୍ଦ୍ର ସାମନ୍ତରା ପ୍ରମୁଖ ଶୋକ ପ୍ରକାଶ କରିଥିଲେ। ଗୋଲିଆ ପଞ୍ଚାୟତ ତରଫରୁ ମଧ ଶୋକ ପ୍ରକାଶ କରାଯାଇଥିବା ସରପଞ୍ଚ ମନୋରମା ପ୍ରଧାନ ଜଣାଇଛନ୍ତି।

# ଗଜପତିରେ ପୁଣି ୮୮ ପଜିଟିଭ୍

ପାରଳାଖେମୁଣ୍ଡି,୨୯।୭ (ସ୍ୱ.ପ୍ର.)

ଗଜପତି ଜିଲାରେ ବୁଧବାର ଆଉ ୮୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୯ କୋଭିଡ୍ ଯୋଦ୍ଧା ରହିଥିବା ବେଳେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ୧୬ ଜଣ ଓ ୬୩ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କ ଯାଞ୍ଚ ବେଳେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି। ଜିଲାରେ ଏବେ ଆକ୍ରାନ୍ତ ସଂଖ୍ୟା ୧,୨୩୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳର ୩୮ ଜଣ, ମୋହନା ବ୍ଲକର ୧୯, ଗୋଷାଣୀ ବ୍ଲକର ୧୧, ରାୟଗଡର ୧୦, ଆର୍.ଉଦୟଗିରିର ୫, ନୂଆଗଡ ବ୍ଲକର ୩ ଏବଂ ଗୁମ୍ମା ବ୍ଲକ ଅଞ୍ଚଳର ୨ ଜଣ ଅଛନ୍ତି। ଏମାନଙ୍କ ବୟସ ୯ରୁ ୭୨ବର୍ଷ ମଧ୍ୟରେ ରହିଛି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

# କନ୍ଧମାଳରେ ୧୧ ପଜିଟିଭ୍ ଚିହ୍ନଟ

ଫୁଲବାଣୀ ଅଫିସ, ୨୯।୭

କନ୍ଧମାଳ ଜିଲାରେ ବୁଧବାର ପୁଣି ୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜି.ଉଦୟଗିରି ଜେଲର ୭ ଅନ୍ତେବାସୀ ଅଛନ୍ତି। ଅନ୍ୟ ୪ ଜଣ ଫୁଲବାଣୀର । ନୂଆ ସଂକ୍ରମିତଙ୍କ ମଧ୍ୟରେ ୫ ମହିଳା ଏବଂ ୬ ପୁରୁଷ ଅଛନ୍ତି। ଏମାନଙ୍କୁ ମିଶାଇଲେ ବୁଧବାର ସୁଦ୍ଧା ଜିଲାରେ ମୋଟ ୪୬୩ ଜଣ ସଂକ୍ରମିତ ଚିହ୍ନଟ ହେଲେଣି । ସେଥିମଧ୍ୟରୁ ୨୬୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ

ମୁନିଗୁଡ଼ା,୨୯।୭(ଡି.ଏନ୍.ଏ.):

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଜଣେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମୁନିଗୁଡ଼ା ଅଞ୍ଚଳର ଅଭିମନ୍ୟୁ ମହାନନ୍ଦିଆ ସ୍ଥାନୀୟ ବଜାରରେ ଏକ ଫାବ୍ରିକେଶନ ସେଣ୍ଟରରେ କାମ କରୁଛନ୍ତି। ସଞ୍ଚିତ ଅର୍ଥକୁ ସେ ସ୍ତ୍ରୀ ବାସନ୍ତିଙ୍କ ଆକାଉଣ୍ଟରେ ଜମା କରିଥିଲେ। ସଦର ଷ୍ଟେଟବ୍ୟାଙ୍କ ଆକାଉଣ୍ଟଧାରୀ ବାସନ୍ତିଙ୍କ ଆକାଉଣ୍ଟରେ ୧ଲକ୍ଷ ୬ହଜାର ୭ଶହ ୩୨ ଟଙ୍କା ଜମା ରହିଥିଲା। କରୋନା ପରିସ୍ଥିତିରେ କାମଧନ୍ଦା ବନ୍ଦ ଯୋଗୁ ଜରୁରୀ କାମ ପାଇଁ ଟଙ୍କା ଉଠାଇବା ସମୟରେ ଆକାଉଣ୍ଟରେ ଟଙ୍କା ନ ଥିବା ଜଣାପଡ଼ିଥିଲା। ଏହା ଜାଣିବା ପରେ ଅଭିମନ୍ୟୁ ବିଚଳିତ ହୋଇପଡ଼ିଛନ୍ତି। ପର୍ଯ୍ୟାୟକ୍ରମେ ଟଙ୍କା ଉଠାଣ କରାଯାଇଥିବା ବ୍ୟାଙ୍କ ଷ୍ଟେଟମେଣ୍ଟରୁ ସେ ଜାଣିବାକୁ ପାଇଥିଲେ। ଏ ନେଇ ଅଭିମନ୍ୟୁ ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଥିଲେ। ତେବେ ମ୍ୟାନେଜରଙ୍କ ପରାମର୍ଶ ଅନୁଯାୟୀ ବାସନ୍ତି ମୁନିଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ତଦନ୍ତ ଚାଲିଥିବା ଏସ୍‌ଆଇ ଚନ୍ଦ୍ରମା ଶବର ସୂଚନା ଦେଇଛନ୍ତି। କଷ୍ଟ ଅର୍ଜିତ ଧନକୁ ନେଇ ଦମ୍ପତି ଭାଙ୍ଗିପଡ଼ିଛନ୍ତି। ଏ ନେଇ ମୁନିଗୁଡା ଏସ୍‌ବିଆଇ ମ୍ୟାନେଜର ଫକୀର କୁହ୍ଲୁକା କହିଛନ୍ତି, ଆମେ ଯାଞ୍ଚ କରିଛୁ। କିନ୍ତୁ ଟଙ୍କା ବ୍ୟାଙ୍କ ଶାଖା କିମ୍ବା ଏଟିଏମରୁ ଉଠାଣ ହୋଇନାହିଁ। ସେମାନେ କୌଣସି ସାଇବର ଠକେଇର ଶିକାର ହୋଇଥାଇ ପାରନ୍ତି। ତେବେ ତାଙ୍କ ଆକାଉଣ୍ଟକୁ ସିଲ୍ କରାଯାଇଥିବା ସେ କହିଛନ୍ତି।

# କୋଭିଡ୍ ପରିଚାଳନା ଯାଞ୍ଚ କରିବେ ପର୍ଯ୍ୟବେକ୍ଷକ

ଛତ୍ରପୁର, ୨୯।୭(ଡି.ଏନ୍.ଏ.)

■ମୃତ କୋଭିଡ୍ ଯୋଦ୍ଧାଙ୍କ ପରିବାର କଥା ବୁଝ: ଜିଲାପାଳ
■ସୁପର ସ୍ପ୍ରେଡ଼ରଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ନିର୍ଦ୍ଦେଶ

ଗଞ୍ଜାମ ଜିଲାରେ କୋଭିଡ୍ ପରିଚାଳନା ନେଇ ଅର୍ଥର ଅଭାବ ନାହିଁ। ସମସ୍ତେ ଯେପରି ଉପଯୁକ୍ତ ସମୟରେ ଠିକ୍ ଔଷଧ ପାଇବେ ଏବଂ କୋଭିଡ୍ ପରିଚାଳନା କେନ୍ଦ୍ର ଯେଭଳି ଠିକ ରୂପେ ପରିଚାଳନା ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଲୋକଙ୍କ ଜୀବନ ସୁରକ୍ଷା ଦିଗରେ କୋଭିଡ୍ ପରିଚାଳନାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରରୁ ପର୍ଯ୍ୟବେକ୍ଷକମାନେ କ୍ଷେତ୍ରକୁ ଯାଇ କୋଭିଡ୍ ପରିଚାଳନା କାର୍ଯ୍ୟ ଯାଞ୍ଚ କରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଭିଡିଓ କନଫରେନ୍ସରେ ଜିଲାର ସମସ୍ତ ଅଧିକାରୀମାନଙ୍କ ସହ କୋଭିଡ-୧୯ ପରିଚାଳନା ସମ୍ପର୍କିତ ଆଲୋଚନାରେ କହିଛନ୍ତି।

ଜିଲାର ସମସ୍ତ ଆମ୍ବୁଲାନ୍ସର ଅକ୍ସିଜେନ ସ୍ଥିତି ଯାଞ୍ଚ କରି ରଖିବା, କୋଭଡ୍ କେୟାର ସେଣ୍ଟରଗୁଡିକର ୫୦% ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା କରିବା, କୋଭିଡ୍ ଯୋଦ୍ଧାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖବର ରଖିବା, ସେମାନଙ୍କ ମଧ୍ୟରୁ କାହାରି ସ୍ୱାସ୍ଥ୍ୟ ଭଲନ ଥିଲେ ଚିକିତ୍ସା ନିମନ୍ତେ ପଦକ୍ଷେପ ନେବାକୁ ଜିଲାପାଳ କହିଛନ୍ତି। ସେହିପରି ମୃତ କୋଭଡ୍ ଯୋଦ୍ଧାଙ୍କ ପରିବାରର ସୁବିଧା, ଅସୁବିଧା ସମ୍ପର୍କରେ ଅଧିକାରୀ ନିଜେ ବୁଝିବାକୁ ଜିଲାପାଳ କହିଛନ୍ତି। ଏଥିସହ କୋଭିଡ୍ ଯୋଦ୍ଧାଙ୍କ ଆତ୍ମୀୟସ୍ୱଜନ ପାଇବାକୁ ଥିବା ସହାୟତା ଓ ମାସିକ ଭତ୍ତା ରାଶି ଲାଗି ଆବେଦନପତ୍ର ପୂରଣ କରିବାର ପ୍ରକ୍ରିୟା ଦେଖିବାକୁ କୁହାଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ତହସିଲଦାର ଓ ଥାନା ଅଧିକାରୀମାନେ ଚଢାଉ କରିବା, ସୁପର ସ୍ପ୍ରେଡର୍‌ମାନଙ୍କୁ ଚିହ୍ନଟ କରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିବା, କେହି ଏକାଠି ବସି ଗପସପ କରୁଥିଲେ କିମ୍ବା ତାସ ଖେଳୁଥିଲେ ସେମାନଙ୍କ ବିରୋଧରେ ଏତଲା ଦାୟର କରିବାକୁ ଜିଲାପାଳ କହିଛନ୍ତି। ଗ୍ରାମାଞ୍ଚଳ ଲୋକେ ଗ୍ରାମରେ ଏମଜିଏନଆର୍‌ଇଜିଏସରେ ଯେପରି କାମ ପାଇବେ ଓ କାମ ପାଇଁ ଯେଭଳି ସହରକୁ ନ ଆସିବେ ତାହା ସୁନିଶ୍ଚିତ କରିବା, ସ୍ୱାବ ଟେଷ୍ଟକୁ ଅଧିକ ଗୁରୁତ୍ୱ ଦେବା ଓ ଖୋଲୁଥିବା ଦୋକାନଗୁଡିକ ୫ ସୂତ୍ର ପାଳନ କରୁଛନ୍ତି ନା ନାହିଁ ତାହା ତଦାରଖ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ଗଞ୍ଜାମରେ ପଜିଟିଭ୍, ମୃତ୍ୟୁ ହାର କମୁଛି

ଛତ୍ରପୁର,୨୯।୭(ଡି.ଏନ୍.ଏ.)

**ତଥ୍ୟ ରଖିଲେ ଜିଲାପାଳ**

ଗଞ୍ଜାମ ଜିଲାରେ ଗତ ସପ୍ତାହ ତୁଳନାରେ କରୋନାରେ ସଂକ୍ରମିତଙ୍କ ସଂଖ୍ୟା ଓ ମୃତ୍ୟୁ ସଂଖ୍ୟା କମୁଛି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତଥ୍ୟ ରଖିଛନ୍ତି। ସେ କହିଛନ୍ତି, ଜିଲାରେ ଘରକୁ ଘର ଯାଇ ସ୍କ୍ରିନିଂ ହେଉଛି। ଲକ୍ଷଣ ଚିହ୍ନଟ ପରେ କରୋନା ପରୀକ୍ଷା କରାଯାଉଛି। ସେଥିପାଇଁ ଗତ ସପ୍ତାହରେ ପଜିଟିଭ୍ ସଂଖ୍ୟା ବଢ଼ିଥିଲା। ଏବେ ବି କେତେଜଣ ଲକ୍ଷଣ ଲୁଚାଇ ବିଳମ୍ବରେ ଗୁରୁତର ହୋଇ ହସ୍ପିଟାଲକୁ ଆସୁଛନ୍ତି। ଯଦ୍ୱାରା ଶେଷ ସମୟରେ ଜୀବନ ବଞ୍ଚାଇବାରେ ଅସୁବିଧା ହେଉଛି। ମୃତ୍ୟୁ ରୋକିବାକୁ ହେଲେ ପ୍ରାଥମିକ ଅବସ୍ଥାରେ ଲକ୍ଷଣ ପ୍ରକାଶ ପାଇଲେ ଚିକିତ୍ସା କରାଇବା ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ଜିଲାରେ ମୃତ୍ୟୁହାର ୧ ପ୍ରତିଶତରୁ ୦.୮ ପ୍ରତିଶତକୁ ଖସିଛି। ସୁସ୍ଥଙ୍କ ସଂଖ୍ୟା ୬୪ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ୨୮ ତାରିଖରେ ୨୪୫ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ତାର ପୂର୍ବ ୨୪ ଘଣ୍ଟାରେ ୩୩୨ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ୨୦ ତାରିଖରେ ୨୨୫, ୨୧ରେ ୩୭୧, ୨୨ରେ ୭୪୧, ୨୩ରେ ୭୩୨, ୨୪ରେ ୫୬୦, ୨୫ରେ ୪୮୪, ୨୬ରେ ୪୯୧ ପଜିଟିଭ ହୋଇଥିବା ଜିଲାପାଳ କହିଛନ୍ତି।

**ସଂକ୍ଷେପରେ**

## ଦାମନଯୋଡ଼ିରେ ଝରଣା ପ୍ରଥମ

ଦାମନଯୋଡି, ୨୯।୭(ଡି.ଏନ୍.ଏ.)- ଦାମନଯୋଡ଼ିରେ ମାଟ୍ରିକ ପାସ୍ ହାର ୮୬ ପ୍ରତିଶତ ରହିଛି। ୫ଟି ସ୍କୁଲର ୪୧୪ଜଣ ପରୀକ୍ଷା ଦେଇଥିବା ବେଳେ ୩୫୮ ଜଣ (୮୬%) ପାସ୍ ହୋଇଛନ୍ତି। ନାଲ୍କୋ ଟାଉନଶିପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀ ଝରଣା ଦାସ ମୋଟ ୫୪୦ ନମ୍ବର ରଖି ଦାମନଯୋଡ଼ିରେ ପ୍ରଥମ ହୋଇଛନ୍ତି। ଭେଜାପୁଟର ଅଜୟ କୁମାର ଦାସ ଓ ନମିତାଙ୍କ କନିଷ୍ଠ କନ୍ୟା ଝରଣା ଡାକ୍ତର ହୋଇ ରୋଗୀ ସେବା କରିବାକୁ ଇଚ୍ଛା ରଖିଥିବା ଝରଣା କହିଛନ୍ତି। ସରସ୍ୱତୀ ବିଦ୍ୟାମନ୍ଦିରର ୧୫୮ ଜଣ ପରୀକ୍ଷା ଦେଇଥିବା ବେଳେ ୧୫୨ ଜଣ ପାସ୍ ହୋଇଛନ୍ତି। ସେହିପରି ମାଥାଲପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ୨୭ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ଛାତ୍ର ରାମଚନ୍ଦ୍ର ବାରିକ ୫୦୯ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି । ମାଥାଲପୁଟ ମାଲୁସାଉନ୍ତା ସରକାରୀ ହାଇସ୍କୁଲର ୧୩୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଲୁମିନା ବାଳିକା ହାଇସ୍କୁଲ, ଲିଟୁଗୁଡ଼ାର ୫୭ ଛାତ୍ରୀଙ୍କ ମଧ୍ୟରୁ ୪୧ ଜଣ ପାସ୍ ହୋଇଛନ୍ତି। ଛାତ୍ରୀ ମାନା ଖରା ସର୍ବାଧିକ ୪୩୪ ନମ୍ବର ରଖିଛନ୍ତି। ସେହିପରି ଭେଦାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୨ ଜଣଙ୍କ ମଧ୍ୟରୁ ୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି । ପୁଲିମା ବରାଳ ସର୍ବାଧିକ ୩୬୬ ନମ୍ବର ରଖିଛନ୍ତି।

## କୁନ୍ଦୁରାରେ ପାସ୍ ହାର ୬୮%

କୁନ୍ଦୁରା, ୨୯।୭(ଡି.ଏନ୍.ଏ.)-କୁନ୍ଦୁରା ବ୍ଲକରେ ମାଟ୍ରିକ ପାସ୍ ହାର ୬୮% ରହିଛି। ୧୪ଟି ସ୍କୁଲର ୮୯୫ଜଣ ପିଲା ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୧୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କୁନ୍ଦୁରା ସଦର ମହକୁମାସ୍ଥିତ ଅରବିନ୍ଦ ଶିକ୍ଷା ନିକେତନ, ଡଙ୍ଗରପାଉଁସୀସ୍ଥିତ ଅନନ୍ତ ବିଦ୍ୟାପୀଠ, ଲାଛନାଗୁଡ଼ା ହାଇସ୍କୁଲ ଏବଂ ଦିଗାପୁର ସମନ୍ୱିତ ଆଦିବାସୀ ଉନ୍ନୟନ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଅରବିନ୍ଦ ସ୍କୁଲରୁ ୭୪, ଅନନ୍ତ ବିଦ୍ୟାପୀଠରୁ ୮୪, ଲାଛନଗୁଡ଼ାରୁ ୭୧, କାଉଡିଆଗୁଡ଼ାରୁ ୭୧, କେରିମିଟି ୟୁଜିଏଚ୍ଏସ୍‌ରୁ ୧୨, ଉବଲଗୁଡ଼ାରୁ ୨୬, ରାଣିଗୁଡ଼ାରୁ ୧୦, ବାଗବେରାରୁ ୩୩, ଖଟଲାପଦରରୁ ୨୭, ଜନ୍ତାପୁଟରୁ ୨୮, ଗାଡ଼ଗୁଣ୍ଡାଲରୁ ୨ ଓ କଳାପଡା ସ୍କୁଲରୁ ୧୬ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି।

## ସରକାରୀ ବାଳିକା ହାଇସ୍କୁଲର ସବୁ ଛାତ୍ରୀ ପାସ୍

ଡାବୁଗାଁ, ୨୯।୭ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟର ୮୦ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଏଥିରେ ବି-୧ରେ ୨, ବି-୨ରେ ୭ ଜଣ, ସିରେ ୩୯ ଜଣ, ଡିରେ ୨୯ ଜଣ ଓ ଇ ଗ୍ରେଡ୍‌ରେ ୩ ଜଣ ଛାତ୍ରୀ ପାସ୍ କରିଛନ୍ତି। ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି। ପ୍ରଧାନ ଶିକ୍ଷକ ତଥା ଅଧ୍ୟକ୍ଷ ସୁକାନ୍ତ କୁମାର ସାଇଁ ଓ ଶିକ୍ଷୟିତ୍ରୀ ଶିକ୍ଷକ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଏହି ସଫଳତା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଚନ୍ଦାହାଣ୍ଡି ସହର ସାନିଟାଇଜ କଲେ ଯୁବଗୋଷ୍ଠୀ

ଚନ୍ଦାହାଣ୍ଡି,୨୯।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସହରରେ କରୋନା ପଜିଟିଭ ଚିହ୍ନଟ ହେବାପରେ ସହରକୁ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ସହରକୁ ସାନିଟାଇଜ କରାଯାଇଥିବା ବେଳେ ବୁଧବାର ସରପଞ୍ଚ ଲଛମନ ମାଝିଙ୍କ ନେତୃତ୍ୱରେ ମା' ପେଣ୍ଟ୍ରାଣୀ ଯୁବକ ସଙ୍ଘ ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳ ସାନିଟାଇଜ କରିଥିଲେ। ସଙ୍ଘର ଯୁବକମାନେ ସାମାଜିକ ଦୂରତା ରକ୍ଷା କରି ଘର ଘର ବୁଲି ଲୋକଙ୍କୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ନିଜ ଘର ଚତୁରପାର୍ଶ୍ୱ ସଫା ରଖିବା ସହ ନିଜେ ସଫା ରହିଲେ କରୋନାରୁ ବର୍ଞ୍ଚ ହେବ ବୋଲି ସରପଞ୍ଚ ତଥା ଯୁବକ ସଙ୍ଘ ସଭାପତି ଲଛମନ ମାଝି ଲୋକଙ୍କୁ ବୁଝାଇଥିଲେ। ଏହି ସମୟରେ ସମ୍ପାଦକ ବିକ୍ରମ ସାଗର, ସଭ୍ୟ ମାନସିଂ ଚୌହାନ, ଡମ୍ବରୁ ନିଆଲ, ନମନାଥ ମାଝି, ରାଜେନ୍ଦ୍ର ଜଗତ, ପି.ଗଙ୍ଗାରାଓ, ପ୍ରଦୀପ ସିହ୍ନା, ମୁନା ନାୟକ, ରବି ଲୋହରା, ଦୁଷ୍ମନ୍ତ ସ୍ୱାଇଁ, ପ୍ରଫୁଲ୍ଲ ବେହେରା, ଯୋଗେନ୍ଦ୍ର ଚୌହାନ, ଭୋଳା ମାଝି, ନିରନ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀ ଆଗୁଆ

**ମାଟ୍ରିକ ପରୀକ୍ଷା ଫଳ**

ରାୟଗଡ଼ା ଅଫିସ/କୋରାପୁଟ/ ନବରଙ୍ଗପୁର/ମାଲକାନଗିରି, ୨୯।୭(ସ୍ୱ.ପ୍ର./ବି.ପ୍ର./ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଚଳିତବର୍ଷ ମାଟ୍ରିକ୍ ପାସ୍ ହାର ୬୯.୬୦% ରହିଛି। ଜିଲାର ୪୮ଟି ପରୀକ୍ଷା କେନ୍ଦ୍ରରେ ୨୦୨ ବିଦ୍ୟାଳୟରୁ ୧୦୧୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଜିଲାରେ ଏ୧ ଗ୍ରେଡ୍‌ରେ ୫ଜଣ, ଏ୨ଗ୍ରେଡ୍‌ରେ ୬୫, ବ୧ ଗ୍ରେଡ୍‌ରେ ୧୩୮, ବି୨ ଗ୍ରେଡ୍‌ରେ ୨୫୧, ସି-ଗ୍ରେଡ୍‌ରେ୪୮୩, ଡି-ଗ୍ରେଡ୍‌ରେ ୧୨୫୯, ଇ-ଗ୍ରେଡ୍‌ରେ ୪୮୫୬, ଏଫ୍-ଗ୍ରେଡ୍‌ରେ ୩୦୬୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜିଲାରେ ଛାତ୍ରୀଙ୍କ ପାସ୍ ସଂଖ୍ୟା ୩୬୨୩ ରହିଥିବାବେଳେ ଛାତ୍ରଙ୍କ ପାସ୍ ସଂଖ୍ୟା ୩୪୩୪ ରହିଛି। ସର୍ବମୋଟ ୭୦୫୭ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଏଥିରେ କେବଳ କଲ୍ୟାଣ ବିଭାଗ ଅଧୀନସ୍ଥ ୪୧ ହାଇସ୍କୁଲର ୩୦୦୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ପାସ୍ ହାର ୭୬.୦୪ ରହିଥିବା ଜଣାପଡ଼ିଛି। ମୁନିଗୁଡ଼ା ବାଳିକା ଉଚ୍ଚବିଦ୍ୟାଳୟର ଫାଲଗୁନୀ ବାଗ ୮୪.୫୦% ନମ୍ବର ରଖି ଏ୨ ଗ୍ରେଡ୍‌ରେ ପାସ୍ କରିଥିବାବେଳେ ବାରସିଂ ହାଇସ୍କୁଲର ମହେଶ ଶବର ୮୦.୫୦% ନମ୍ବର ରଖିଛନ୍ତି। ସେହିପରି ବି୧ ଗ୍ରେଡ୍‌ରେ ୧୧ଜଣ, ବି୨ ଗ୍ରେଡ୍‌ରେ ୩୪, ସି-ଗ୍ରେଡ୍‌ରେ ୯୯, ଡି-ଗ୍ରେଡ୍‌ରେ ୪୨୧, ଇ-ଗ୍ରେଡ୍‌ରେ ୧୭୧୭, ଏଫ-ଗ୍ରେଡ୍‌ରେ ୭୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ବୁଧବାର ମାଟ୍ରିକ ବୋର୍ଡ ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ କୋରାପୁଟ ଜିଲାରେ ୭୧.୭୪ ପ୍ରତିଶତ ପାସ୍ ହୋଇଥିବା ଡିଇଓ ରାମଚନ୍ଦ୍ର ନାହାକ ସୂଚନା ଦେଇଛନ୍ତି। ଜୟପୁର ସାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଦେବାଶିଷ ସାହୁ ଜିଲାରେ ଟପ୍ପର ହୋଇଛନ୍ତି। ଚଳିତବର୍ଷ ଜିଲାର ୨୭୨ ସ୍କୁଲର ୧୨ହଜାର ୬୦୭ଜଣ ପରୀକ୍ଷା ଦେଇଥିବା ବେଳେ ୯ ହଜାର ୪୪ ଜଣ(୪ହଜାର୪୯୮ ଛାତ୍ର, ୪ହଜାର ୫୪୬ଛାତ୍ରୀ ) ପାସ ହୋଇଛନ୍ତି। ୧୧ଜଣ ଏ-୧, ୭୫ ଜଣ ଏ-୨ ,୧୨୭ ଜଣ ବି-୧, ୨୭୫ ଜଣ ବି-୨, ୫୯୦ ଜଣ ସି, ୧୬୪୯ ଜଣ ଡି, ୬୩୧୭ ଜଣ ଇ ଗ୍ରେଡ୍ ପାଇଛନ୍ତି।

ନବରଙ୍ଗପୁର ଜିଲାରେ ପାସ୍ ହାର ୭୭.୨୩% ରହିଛି। ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଈପ୍‌ସିତା ଦାଶ ୯୪.୮୩ ପ୍ରତିଶତ ନମ୍ବର ରଖି ଜିଲାରେ ପ୍ରଥମ ହୋଇଛନ୍ତି। ୨୨୪ ବିଦ୍ୟାଳୟର ୧୨ ହଜାର ୫୧୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୬୯୯ଜଣ ପାସ୍ ହୋଇଛନ୍ତି। ଜିଲାରୁ ୪୮୬୦ ଛାତ୍ରୀ ଓ ୪୮୩୯ଛାତ୍ର ପାସ କରିଛନ୍ତି। ଏ-୧ରେ ୩, ଏ-୨ରେ ୪୬, ବି-୧ରେ ୧୧୫, ବି-୨ରେ ୩୪୮, ସି ଗ୍ରେଡ୍‌ରେ ୯୬୩, ଡି ଗ୍ରେଡ୍‌ରେ ୨୨୬୬, ଇ ଗ୍ରେଡ୍‌ରେ ୫୯୫୮ ଓ ଏଫ୍ ଗ୍ରେଡ୍‌ରେ ୨୮୨୦ ଜଣ ରହିଛନ୍ତି।

ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ମାଲକାନଗିରି ଜିଲାର ପାସ୍ ହାର ୭୭.୭୦% ରହିଛି। ଗତ ବର୍ଷ ପାସ୍ ହାର ୫୮.୩୯% ରହିଥିବାବେଳେ ଚଳିତବର୍ଷ ଫଳାଫଳ ଉତ୍ସାହଜନକ ରହିଛି। ରାଜ୍ୟସ୍ତରରେ ମାଲକାନଗିରି ଜିଲା ପାସ୍ ହାରରେ ୧୬ତମ ସ୍ଥାନରେ ରହିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ୨୯ଟି ପରୀକ୍ଷା କେନ୍ଦ୍ରରେ ଜିଲାର ୧୧୭ ବିଦ୍ୟାଳୟର ୫୦୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୯୦୯ ଜଣ ପାସ୍ କରିଛନ୍ତି। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୨୦୧୦ ଛାତ୍ର ଏବଂ ୧୮୯୯ ଛାତ୍ରୀ ରହିଥିବା ସୂଚନା ମିଳିଛି। ଜିଲାରେ ଏ୧ ଗ୍ରେଡ୍‌ରେ ୨ଜଣ, ଏ୨ ଗ୍ରେଡ୍‌ରେ୨୩, ବି୧ ଗ୍ରେଡ୍‌ରେ ୭୫, ବି୨ ଗ୍ରେଡ୍‌ରେ ୧୨୬, ସି-ଗ୍ରେଡ୍‌ରେ ୨୭୪, ଡି-ଗ୍ରେଡ୍‌ରେ ୭୧୨, ଇ-ଗ୍ରେଡ୍‌ରେ ୨୬୯୭ ଏବଂ ଏଫ୍-ଗ୍ରେଡ୍‌ରେ ୧୧୨୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ଡାକ୍ତର ହୋଇ ରୋଗୀସେବା କରିବି:ଦେବାଶିଷ



ଜୟପୁର,୨୯।୭ (ନି.ପ୍ର/ ଡି.ଏନ୍.ଏ.) କୋରାପୁଟ ଜିଲା ଜୟପୁର ସାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଦେବାଶିଷ ସାହୁ ୫୫୩ ନମ୍ବର (୯୨.୧୭ ପ୍ରତିଶତ) ରଖି ଜିଲାରେ ପ୍ରଥମ ହୋଇଛନ୍ତି। ଉକ୍ତ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ଶିକ୍ଷକ ତିରୁପତି ସାହୁ ଓ ମା' ସନ୍ଧ୍ୟାରାଣୀଙ୍କ ପୁଅ ଦେବାଶିଷ ଭବିଷ୍ୟତରେ ଡାକ୍ତର ହେବା ଲକ୍ଷ୍ୟ ରଖିଛନ୍ତି। ଡାକ୍ତରମାନେ ହିଁ ପ୍ରକୃତ ଯୋଦ୍ଧା। ଯାହାକି ଏହି କୋଭିଡ଼ ସମୟରେ ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଦେବାଶିଷ ନିଜ ସଫଳତାର ଶ୍ରେୟ ମା'ବାପା ଓ ନିଜ ଗୁରୁମା ଗୁରୁଜୀଙ୍କୁ ଦେଇଛନ୍ତି।

### ବୈଜ୍ଞାନିକ ହେବି:ଈପ୍‌ସିତା



ନବରଙ୍ଗପୁର, (ବି.ପ୍ର.) ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଈପ୍‌ସିତା ଦାଶ ୯୪.୮୩ ପ୍ରତିଶତ ନମ୍ବର ରଖି ଜିଲାରେ ପ୍ରଥମ ହୋଇଛନ୍ତି। ସେ ତାଙ୍କ ସଫଳତାର ଶ୍ରେୟ ଗୁରୁମା, ଗୁରୁଜୀ ଓ ମା' ବାପାଙ୍କୁ ଦେଇଛନ୍ତି। ଦୁର୍ଗାମାଧବ ଦାଶ ଓ ଅନିତାଙ୍କ ଝିଅ ଈପ୍‌ସିତା ଭବିଷ୍ୟତରେ ଜଣେ ସଫଳ ବୈଜ୍ଞାନିକ ହେବା ଲକ୍ଷ୍ୟ ରଖିଛନ୍ତି। ସେ ଇସ୍ରୋକୁ ଯାଇ ଚନ୍ଦ୍ରାୟନ-୨ ଅଭିଯାନ ସଂକ୍ରାନ୍ତରେ ତଥ୍ୟ ହାସଲ କରିଥିଲେ।

### ସ୍ପେସ୍ ସାଇଣ୍ଟିଷ୍ଟ ହେବେ ସତ୍ୟବ୍ରତ

ରାୟଗଡ଼ା ଅଫିସ/ଗୁଣପୁର,(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସତ୍ୟବ୍ରତ ନାୟକ ୫୭୭(୯୬.୨%) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେ ଉଚ୍ଚଶିକ୍ଷା ଲାଭ ପରେ ଜଣେ ସ୍ପେସ୍ ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଜିଲାର ଗୁଡ଼ାସ୍ଥିତ ଦ୍ରୌପଦୀ ବିଦ୍ୟାପୀଠର ଛାତ୍ର ପଦ୍ମଲୋଚନ ମିଶ୍ର ୫୬୮ ନମ୍ବର ରଖି ଦ୍ୱିତୀୟ, ଦେରିଗା ୟୁଜିଏଚ୍ ସ୍କୁଲର ଗୁଡ଼ଲା ସାଇଶ୍ରୀ ସୁବୁଦ୍ଧି ୫୪୭ ନମ୍ବର ସହ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଗୁଣପୁର ଶହୀଦ ଲକ୍ଷ୍ମଣ ନାୟକ ହାଇସ୍କୁଲର ଛାତ୍ରୀ ମୋନାଲିସା ସାହୁ ୫୪୪ ନମ୍ବର ରଖି ଚତୁର୍ଥ ଏବଂ ଛାତ୍ର ସୋନୁ ଶେଖର ପୃଷ୍ଟି ୫୪୦ ନମ୍ବର ରଖି ଜିଲାରେ ପଞ୍ଚମ ସ୍ଥାନରେ ରହିଛନ୍ତି।



### ଶିଳ୍ପୀ, ପ୍ରହ୍ଲାଦ ମାଲକାନଗିରି ଯୁଗ୍ମ ଟପ୍ପର





ମାଲକାନଗିରି, (ସ୍ୱ.ପ୍ର./ଡି.ଏନ୍.ଏ.): ମାଲକାନଗିରି ଜିଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାଫଳ ଉତ୍ସାହଜନକ ରହିଛି। ମାଲକାନଗିରି ବ୍ଲକ୍ ଏମ୍‌ଭି-୭ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶିଳ୍ପୀ ବୈରାଗୀ ଏବଂ କାଳିମେଳା ବ୍ଲକ୍ ଏମ୍‌ଭି-୭୯ସ୍ଥିତ ସାବେରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରହ୍ଲାଦ ନାଥ ୫୪୦ ନମ୍ବର ରଖି ଜିଲାରେ ଯୁଗ୍ମ ଟପ୍ପର ହୋଇଛନ୍ତି। ଅନ୍ୟପକ୍ଷରେ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ୨୪୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୨୪୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୯.୬% ଫଳାଫଳ ସହ ଏହି ବିଦ୍ୟାଳୟ ଜିଲାରେ ସୁନାମ ଅର୍ଜନ କରିଛି। ଏହି ସ୍କୁଲର ଛାତ୍ରୀ ଶିଳ୍ପୀ ପ୍ରଶାସନିକ ସେବାରେ ଯୋଗଦେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଅନ୍ୟତମ ଟପ୍ପର ପ୍ରହ୍ଲାଦ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଧାନ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକମାନଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟ ସଫଳତା ହାସଲ କରିଥିବା ଜଗନ୍ନାଥପାଲ୍ଲୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଏ. ଈଶ୍ୱର ରାଓ କହିଛନ୍ତି।

## ଉମରକୋଟ, ଡାବୁଗାଁର ୨ ଅଞ୍ଚଳ ଶଟଡାଉନ

ନବରଙ୍ଗପୁର/ଡାବୁଗାଁ, ୨୯।୭(ବି.ପ୍ର./ଡି.ଏନ୍.ଏ)

ବୁଧବାର ନବରଙ୍ଗପୁରରୁ ୨୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମିତମାନେ ଝରିଗାଁ, ଉମରକୋଟ, ପାପଡାହାଣ୍ଡି, ଡାବୁଗାଁ ବ୍ଲକ ଓ ନବରଙ୍ଗପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ବୋଲି ଜଣାପଡିଛି। ଉମରକୋଟ ମ୍ୟୁନିସିପାଲିଟି ଓ ଡାବୁଗାଁ ବ୍ଲକରୁ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି। ଗୁରୁବାର ସକାଳ ୫ଟାରୁ ଅଗଷ୍ଟ ୨ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉମରକୋଟ ସହର ସହ ଡାବୁଗାଁ ସଦର ଓ ଡଙ୍ଗରୀଗୁଡା ଗାଁକୁ ଶଟଡାଉନ ଘୋଷଣା କରାଯାଇଛି। କେବଳ ଅତ୍ୟାବଶକ ଜିନିଷକୁ ଛାଡି ସମସ୍ତ ଜିନିଷ ଉପରେ କଟକଣା ଲଗାଯାଇଛି। ଡାବୁଗାଁ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହା ଆସନ୍ତା ୮ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ଡାବୁଗାଁ ଓ ଡଙ୍ଗରୀଗୁଡ଼ା ଗାଁକୁ ବଫର ଜୋନ ଘୋଷଣା କରାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ଭାବେ ନବରଙ୍ଗପୁର କୋଭିଡ ହସ୍ପିଟାଲ କୁ ଆଣି ଚିକିତ୍ସା କରାଯାଉଛି । ବର୍ତ୍ତମାନ ସୁଦ୍ଧା ୨୪୩ ଜଣ କରୋନା ପଜିଟିଭ ହୋଇଥିବାବେଳେ ୧୭୦ ସୁସ୍ଥ ହୋଇଛନ୍ତି। ଜଣେ କରୋନା ପଜିଟିଭ ରିପୋର୍ଟ ଆସିବା ପୂର୍ବରୁ ଅନ୍ୟ ରୋଗ ଯୋଗୁ ପ୍ରାଣ ହରାଇଥିବା ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି।

## କେ.ପ୍ରେମ ସାଇ ଦୋରା ବ୍ଲକ ଟପ୍ପର

ବୋରିଗୁମ୍ମା, ୨୯।୭(ଡି.ଏନ୍.ଏ.)

ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର କେ.ପ୍ରେମ ସାଇ ଦୋରା ବୋରିଗୁମ୍ମା ବ୍ଲକ ଟପ୍ପର ହୋଇଛନ୍ତି। ୬୦୦ରୁ ୪୯୦ ନମ୍ବର ରଖି ସେ ପାସ୍ କରିଛନ୍ତି। ସ୍କୁଲର ପାସ୍ ହାର ୮୨.୮୯ ପ୍ରତିଶତ ରହିଛି। ବ୍ଲକର ଆଓଁଳି, କଣା ଗାଁ, ପର୍ଲି, ବଡ଼ ମାଣ୍ଡିଗୁଡା ସ୍କୁଲର ସମସ୍ତ ପିଲା ପାସ୍ କରିଛନ୍ତି। ବ୍ଲକ ଟପ୍ପରଙ୍କୁ ସ୍କୁଲ ପ୍ରଧାନ ଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକ, ଲାଲୁଷ, ପ୍ରେସ୍‌କ୍ଲବ ସଭାପତିବିଜୟ ନାରାୟଣ ସାହୁ, ହେମନ୍ତ ସିଂ, ଗୌରୀଶଙ୍କର ସାମନ୍ତରାୟ ଅଭିନନ୍ଦନ ଜଣାଇଛନ୍ତି।

# ଅନ୍‌ଲାଇନରେ ଦେଓମାଳି ଜାତୀୟ ନାଟକ ମହୋତ୍ସବ

**୫ ଭାଷାରେ ନାଟକ ପରିବେଷଣ କରିବେ କଳାକାର**



କୋରାପୁଟ,୨୯।୭(ସ୍ୱ.ପ୍ର.)

ଆସନ୍ତା ୧ ତାରିଖରୁ କୋରାପୁଟରେ ଆରମ୍ଭ ହେବ ପଞ୍ଚମ ଦେଓମାଳି ଜାତୀୟ ନାଟକ ମହୋତ୍ସବ। ଏହା ୩ ଦିନ ଧରି ଚାଲିବ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ନାଟକପ୍ରେମୀଙ୍କ ପାଇଁ ଚଳିତ ବର୍ଷ ଏହା ଅନ୍‌ଲାଇନରେ ଉପଲବ୍ଧ ହେବ। ଲୋକେ ଫେସ୍‌ବୁକ୍‌ରେ ଏହାକୁ ଦେଖିପାରିବେ ବୋଲି ଆୟୋଜକ ନନ୍ଦନିକା ପକ୍ଷରୁ କୁହାଯାଇଛି। ଓଡ଼ିଆ, ତେଲୁଗୁ, ବଙ୍ଗଳା, ହିନ୍ଦୀ ଓ ମରାଠୀ ଭାଷାରେ ନାଟକଗୁଡ଼ିକ ପରିବେଷଣ ହେବ। ଚଳିତ ବର୍ଷ ପଦ୍ମ ବିଭୂଷଣ ଡ. ସୋନାଲ ମାନସିଂହ ଅଭିନୟ ଉପରେ ଏକ ପାଠ୍ୟକ୍ରମ ପ୍ରଦାନ କରିବେ। କୋରାପୁଟ ଜିଲା କୋଟପାଡ଼ର ଉଦୀୟମାନ ଯୁବନାଟ୍ୟ କଳାକାର ହିମାଂଶୁ ରଞ୍ଜନ ମହାନ୍ତିଙ୍କୁ ଚଳିତ ବର୍ଷ ଅସୀମ ବସୁ ମେମୋରିଆଲ ଆୱାର୍ଡ ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ନନ୍ଦନିକା ପକ୍ଷରୁ 'ନାୟିକା', 'ଚଣ୍ଡାଲୁଣୀ'(ଓଡ଼ିଆ), ଅଶୋକନଗର ନାଟମୁଖ ଦ୍ୱାରା 'ସୁଜେନେର ଗଳ୍ପ' (ବଙ୍ଗଳା), ବ୍ଲକସ ଏଲନାଟ୍ୟ ସଂସ୍ଥା ୱାର୍ଦ୍ଧା ପକ୍ଷରୁ 'ଧ୍ରୁବସ୍ୱାମିନି' ( ହିନ୍ଦୀ), ମହାରାଷ୍ଟ୍ରର ଅଧ୍ୟାୟନ ଭାରତୀ ଆଗ୍ରୋ ନାଟ୍ୟ ସଂସ୍ଥା 'ତେରଭ'( ମରାଠୀ), ଜନପଦମ ଥିଏଟର ସଂସ୍ଥା ହାଇଦ୍ରାବାଦ ପକ୍ଷରୁ 'ବାଲି'( ତେଲୁଗୁ), କଥକ ପର୍ଫର୍ମି ସଂସ୍ଥା ହାଓଡା ପକ୍ଷରୁ 'ଦେବୀଗର୍ଜନ'( ବଙ୍ଗଳା) ନାଟକ ପରିବେଷଣ କରାଯିବ ବୋଲି ନନ୍ଦନିକାର ସମ୍ପାଦକ ମନିଦୀପା ଗୁପ୍ତା କହିଛନ୍ତି।

## ବୈପାରିଗୁଡ଼ା ହାଇସ୍କୁଲର ୧୧୦ ପିଲା ପାସ୍

ବୈପାରିଗୁଡ଼ା, ୨୯।୭(ଡି.ଏନ୍.ଏ.)

ବୈପାରିଗୁଡ଼ା ସରକାରୀ ନୋଡାଲ ହାଇସ୍କୁଲରୁ ଚଳିତ ବର୍ଷ ୧୯୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦ଜଣ ପାସ୍ ହୋଇଛନ୍ତି। ପ୍ରଧାନ ଶିକ୍ଷକ ସୁଜିତ ସାମଲଙ୍କ ସୂଚନା ଅନୁସାରେ ସି ଗ୍ରେଡ୍‌ରେ ୩ ଜଣ ,ଡି ଗ୍ରେଡ୍‌ରେ ୧୭ ଜଣ ଓ ଇ ଗ୍ରେଡ୍‌ରେ ୯୦ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ, ଏହା ଏକ ପୁରାତନ ସରକାରୀ ହାଇସ୍କୁଲ ହୋଇଥିବା ବେଳେ ଗତ କିଛିବର୍ଷ ହେବ ପରୀକ୍ଷାଫଳ ନୈରାଶ୍ୟଜନକ ହେଉଛି। ଏଠାରେ ଶିକ୍ଷକ ପଦବୀ ଖାଲି ରହୁଛି। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

# କଣ୍ଟେନ୍‌ମେଣ୍ଟରେ ରହୁନି କଟକଣା

ନନ୍ଦହାଣ୍ଡି,୨୯।୭(ଡି.ଏନ୍. ଏ.)

କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲା ପ୍ରଶାସନ। କିନ୍ତୁ ସେଠାରେ କୌଣସି କଟକଣା ରହୁନି। ପ୍ରଶାସନ ପକ୍ଷରୁ କରାଯାଇଥିବା ବାଡ ଭାଙ୍ଗିଯିବା ପରେ ତାହା ଏବେ ମୁକୁଳା ହୋଇ ପଡିଛି। ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମରେ।

ଦହଣା ଗାଁରୁ ଜଣେ ଯୁବକ ଗତ ୨୪ ତାରିଖରେ କରୋନା ସଂକ୍ରମିତ ହୋଇଥିଲେ। ପ୍ରଶାସନ ତାଙ୍କୁ କୋଭିଡ଼ ହସ୍ପିଟାଲକୁ ଚିକିତ୍ସା ପାଇଁ ନେବା ପରେ ଉକ୍ତ ଅଞ୍ଚଳକୁ ଆସନ୍ତା ୫ତାରିଖ ଯାଏ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ନିୟମ ଅନୁସାରେ କେହି ବି ଗାଁ ଭିତରକୁ ପ୍ରବେଶ କରିପାରିବେ ନାହିଁ କିମ୍ବା ଗାଁର କେହି ବାହାରକୁ ଯାଇପାରିବେ ନାହିଁ। ଏଥିପାଇଁ ଗ୍ରାମର ଉଭୟ ପାର୍ଶ୍ୱରେ ବାଡ଼ ପକାଯାଇଥିଲା। ଏହା ଇନ୍ଦ୍ରାବତୀରୁ ନବରଙ୍ଗପୁରକୁ ସଂଯୋଗ କରୁଛି। ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ଓ ଜରୁରୀକାଳୀନ ସେବାରେ ଯାଉଥିବା ଲୋକଙ୍କୁ ପୋଲିସ ଯିବାକୁ ଦେଉଥିଲା। କିନ୍ତୁ ଗତ ୨ ଦିନ ହେବ ଏହି ବାଡ଼ ଭାଙ୍ଗିଯାଇଛି। ଏହାକୁ କିଏ ଭାଙ୍ଗିଛି ତାହାର ସଠିକ ସୂଚନା ନ ଥିବାବେଳେ ବାଡ଼ ନଥିବାରୁ ଗାଁ ଭିତରେ ଅବାଧ ପ୍ରବେଶକୁ ରୋକା ଯାଇ ପାରୁ ନାହିଁ। ପ୍ରଶାସନକୁ ଜଣାଇବା ସତ୍ତ୍ୱେ କେହି ପଦକ୍ଷେପ ନେଉନାହାନ୍ତି ବୋଲି ସରପଞ୍ଚ କହିଛନ୍ତି। ପ୍ରଶାସନର ଏମିତି ଖାମଖିଆଲି ମନୋଭାବକୁ ଲୋକେ ନାପସନ୍ଦ କରିଛନ୍ତି।

# ସଚିବଙ୍କ ମାଲକାନଗିରି ଗସ୍ତ



ନୋଡାଲ ସଚିବ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ମାଲକାନଗିରି,୨୯।୭(ଡି.ଏନ୍.ଏ.):

ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ମାଲକାନଗିରି ଜିଲା ନୋଡାଲ ଅଧିକାରୀ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ ବୁଧବାର ଦିନିକିଆ ମାଲକାନଗିରି ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଏବଂ କରୋନା ସୁପରିଚାଳନା ବିଷୟରେ ସମୀକ୍ଷା କରିଛନ୍ତି। ଅପରାହ୍ନରେ ଯାଦବ ଗୋବିନ୍ଦପାଲିଠାରେ ପହଞ୍ଚି ଜିଲାପାଳ ମନୀଷ ଅଗ୍ରୱାଲ, ଖଇରପୁଟ ବିଡିଓ ଏବଂ ବିଭିନ୍ନ ବିଭାଗର ପଦାଧିକାରୀଙ୍କ ସହ ଗୋବିନ୍ଦପାଲ୍ଲୀ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସିତ ସଂକ୍ରମିତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହ ରୋଗୀମାନଙ୍କ ରହିବା, ଖାଦ୍ୟପେୟ ଏବଂ ଚିକିତ୍ସା ବିଷୟରେ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଅନ୍ୟ ଜିଲା ତୁଳନାରେ ଏଠାରେ ସଂକ୍ରମିତଙ୍କ ସଂଖ୍ୟା କମ୍ ରହିଥିବାବେଳେ କରୋନା ମୁକାବିଲା ପାଇଁ ପ୍ରଶାସନର ପଦକ୍ଷେପକୁ ଯାଦବ ପ୍ରଶଂସା କରିଥିଲେ। ସେହିପରି ଚାଷୀ ଏବଂ ଖାଉଟି ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଯେପରି ସଫଳ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କୁ କରୋନା ବିଷୟରେ ଅଧିକ ସଚେତନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସହକାରୀ ଯୋଗାଣ ଅଧିକାରୀ ମନୋଜ ପ୍ରଧାନ ଖାଉଟି ସାମଗ୍ରୀ ବିତରଣ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ପରେ ଡାକ୍ତରଖାନା ପରିଦର୍ଶନକରି ବିଭିନ୍ନ ବ୍ୟବସ୍ଥାର ତଦାରଖକରି କୋରାପୁଟ ଗସ୍ତରେ ଯାଇଛନ୍ତି।

# ୨୯୫ କେଜି ଗଞ୍ଜେଇ ଜବତ, ୬ ଗିରଫ

ମାଲକାନଗିରି/ମାଥିଲି, ୨୯।୭(ଡି.ଏନ୍.ଏ.):

ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ ଗୋବିନ୍ଦପାଲ୍ଲୀ ଫରେଷ୍ଟ ଚେକ୍‌ଗେଟ ନିକଟରୁ ମଙ୍ଗଳବାର ରାତିରେ ପୋଲିସ ୨୯୫ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ମାଥିଲି ଥାନା ଏସ୍‌ଆଇ ଜେ.ପି. ହୋତା ଏବଂ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଖଇରପୁଟ ରାସ୍ତା ଦେଇ ଆସୁଥିବା ୨ ଗାଡ଼ିକୁ ସନ୍ଦେହରେ ଗୋବିନ୍ଦପାଲ୍ଲୀ ଫରେଷ୍ଟ ଚେକ୍ ଗେଟ ନିକଟରେ ଅଟକାଇଥିଲା। ଗାଡ଼ି ଯାଞ୍ଚ ସମୟରେ ସେଥିରୁ ୧୨ ପ୍ୟାକେଟ ଗଞ୍ଜେଇ ବାହାରିଥିଲା। ପୋଲିସ ଗଞ୍ଜେଇ ଏବଂ ୨ ଗାଡ଼ିକୁ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇର ପରିମାଣ ୨୯୫ କେଜି ୯ଶହ ଗ୍ରାମ୍ ବୋଲି ଜଣାପଡ଼ିଛି। ୪ ଅଭିଯୁକ୍ତ ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି-୩୧ ଗ୍ରାମର ଅଜୟ ସରକାର, ସୁଜନ ଗାଇନ୍, ମାଲକାନଗିରି ଆଶୀର୍ବାଦ କଲୋନୀର ବିରଜ ସର୍ଦ୍ଦାର, କୋରୁକୋଣ୍ଡାର ସପନ ଚକ୍ରବର୍ତ୍ତୀ। ଏମାନଙ୍କୁ ପଚରାଉଚରା କରିବା ସମୟରେ ଗଞ୍ଜେଇ ଚିତ୍ରକୋଣ୍ଡା ଥାନା ଅଧୀନ ଡାଇକ୍-୩ ଗ୍ରାମରୁ ନବରଙ୍ଗପୁର ଜିଲାକୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଗଞ୍ଜେଇ ଚାଲାଣରେ ସହଯୋଗ କରିଥିବା ଏମ୍‌ଭି-୫୦ ଗ୍ରାମର ହରିଚାନ୍ଦ ବିଶ୍ୱାସ ଏବଂ ଏମ୍‌ଭି-୨୭ଗ୍ରାମର ପରିତୋଷ ମଣ୍ଡଳଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଏମାନଙ୍କ ନିକଟରୁ ୫ ମୋବାଇଲ ଏବଂ ୧ହଜାର ଟଙ୍କା ଜବତ କରାଯାଇଛି। ଗଞ୍ଜେଇର ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

# ପ୍ଲାଜ୍‌ମା ସଂଗ୍ରହ ଅଭିଯାନର ସମୀକ୍ଷା କଲେ ମନ୍ତ୍ରୀ

ରାୟଗଡ଼ା ଅଫିସ,୨୯।୭:

କରୋନା ସଂକ୍ରମିତମାନେ ସୁସ୍ଥ ହେବା ପରେ ସେମାନଙ୍କ ପ୍ଲାଜ୍‌ମା ଦ୍ୱାରା ଅନ୍ୟ ସଂକ୍ରମିତମାନେ ଶୀଘ୍ର ସୁସ୍ଥ ହେଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ଲାଜ୍‌ମା ଦାନ ପାଇଁ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ ଜିଲା ୱାରି ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ରାୟଗଡା ଜିଲା ଦାୟିତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦିଆନ ବୁଧବାର ରାୟଗଡ଼ା ଜିଲା ଗସ୍ତକରି ସ୍ଥାନୀୟ ଡିଆରଡିଏ ସଭାଗୃହରେ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରିଛନ୍ତି। ବୈଠକରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୂଆଲା, ଅତିରିକ୍ତ ଜିଲାପାଳ ତଥା ପ୍ଲାଜ୍‌ମା ବ୍ୟାଙ୍କ ନୋଡାଲ ଅଫିସର ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ଅମୃତ ରୁତୁରାଜ ଯୋଗଦେଇ ଜିଲାର କୋଭିଡ୍ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସୁସ୍ଥ ହୋଇଥିବା ବ୍ୟକ୍ତିମାନେ ପ୍ଲାଜ୍‌ମା ଦାନ କରିବାକୁ ଜିଲାପାଳ ବେହେରା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଜିଲାରେ ପ୍ଲାଜ୍‌ମା ସଂଗ୍ରହ ପାଇଁ ଅତିରିକ୍ତ ଜିଲାପାଳ ପଣ୍ଡାଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। ମୋବାଇଲ ନମ୍ବର-୯୪୩୭୨୭୬୪୫୫ ରେ ଯୋଗାଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ମନ୍ତ୍ରୀ ଦିଆନ ମଧ୍ୟ ପ୍ଲାଜ୍‌ମା ଦାନ କରିବାକୁ ଅନରୋଧ କରିଥିଲେ। ସମସ୍ତ ବିଡିଓ ଏବଂ ତହସିଲଦାର ନିଜ ନିଜ ଅଞ୍ଚଳରେ ଲୋକଙ୍କୁ ପ୍ଲାଜ୍‌ମା ଦାନ କରିବା ପାଇଁ ବୁଝାଇବାକୁ ଅନୁରୋଧ କରିଥିଲେ। ଜିଲାର କରୋନା ଯୋଦ୍ଧାମାନଙ୍କୁ ସେ ଏଏଠାରେ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ତହସିଲଦାର ଉମାଶଙ୍କର ବେହେରା, ପିଏ ଆଟିଡିଏ ଟୁକୁ ବାରିକ, ପୌର ପରିଷଦର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀ ପଦ୍ମିନୀ ଦିଆନ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

## ବଣ୍ଡାଘାଟିରେ ମାଓବାଦୀ ପୋଷ୍ଟର

ଖଇରପୁଟ,(ଡି.ଏନ୍.ଏ.): ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ବଣ୍ଡା ଘାଟି ରାସ୍ତା ତୁଲାଗୁରୁମ ଛକ ନିକଟରେ ବୁଧବାର ଏକ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି। ଶହୀଦ ସପ୍ତାହର ଦ୍ୱିତୀୟ ଦିନ ହୋଇଥିବାବେଳେ ଏଭଳି ପୋଷ୍ଟରକୁ ଦେଖି ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପୋଷ୍ଟରରେ ଶହୀଦ କମ୍ରେଡ୍ ଆମର ରହେ, ଜଙ୍ଗଲ-ଜମି-ଜଳ ଆଦିବାସୀଙ୍କ ଅଧିକାର, ବ୍ରାହ୍ମଣ, ହିନ୍ଦୁ ଫାସିବାଦ ଦମନ ସରକାରଙ୍କ ବିରୋଧରେ ଲଢ଼େଇ, ନୂତନ ଗଣତନ୍ତ୍ର ବିପ୍ଳବ ଜିନ୍ଦାବାଦ ଆଦି ଲେଖାଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, କିଛି ବର୍ଷ ତଳେ ନିକଟସ୍ଥ ଖଇରପୁଟ ଗ୍ରାମରେ ମାଓବାଦୀମାନେ ପୋଲିସ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ଗୁଳିକରି ହତ୍ୟା କରିଥିଲେ।



## ସଂକ୍ଷେପରେ

### ଲାଞ୍ଚ ନେଇ ପୋଲିସ ସବ୍‌ଇନ୍ସପେକ୍ଟର ଗିରଫ



ବଲାଙ୍ଗୀର ଅଫିସ, ୨୯।୭: ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପୋଲିସ ସବ୍‌ଇନ୍ସପେକ୍ଟର ସରୋଜ ରଞ୍ଜନ ରଥ ବୁଧବାର ଜଣେ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ୍ କରାଯାଇଛି। ୨୦୧୯ ଫେବୃଆରୀ ୨୦ରେ ମୁରିବାହାଲ ଥାନା ଗୁଡିଘାଟ(ଖରାବାହାଲି) ଗ୍ରାମର ମାନସ ପ୍ରଧାନଙ୍କ ବିରୋଧରେ ଜଣେ ମହିଳା ଅଭିଯୋଗ କରିଥିଲେ। ତାଙ୍କ ନାଁରେ ଥାନାରେ ଏକ ମାମଲା (ନଂ.୨୧/୧୯) ରୁଜୁ ହୋଇଥିଲା। ତଦନ୍ତ ବେଳେ ଏହି ମାମଲା ଉପରେ ହାଲ୍‌କା ରିପୋର୍ଟ ଦେବେ କହି ପୋଲିସ ସବ୍‌ଇନ୍ସପେକ୍ଟର ରଥ ଅଭିଯୁକ୍ତଙ୍କ ବଡଭାଇ ସଞ୍ଜୀବ ପ୍ରଧାନଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ସଞ୍ଜୀବ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୧/୨୦) ରୁଜୁ ହେବା ସହ ବୁଧବାର ଚଢ଼ାଉ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା। ସଞ୍ଜୀବଙ୍କଠାରୁ ଥାନାରେ ପୋଲିସ ସବ୍‌ଇନ୍ସପେକ୍ଟର ରଥ ୧୦ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲେ। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କ୍ରଶର ପରିସରରୁ ବିସ୍ଫୋରକ ଜବତ

ପଟ୍ଟାଙ୍ଗୀ, ୨୯।୭(ଡି.ଏନ୍.ଏ.): କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ବାଉଁଶଗୁଡ଼ା ଗାଁ ନିକଟରେ ଥିବା କ୍ରଶରରୁ ସ୍ଥାନୀୟ ପୋଲିସ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। କ୍ରଶରରେ ୧୫ ପ୍ୟାକେଟ(୩୦ ବାକ୍ସ ଜିଲୋଟିନ, ୨୦ ବାକ୍ସ ଆମୋନିଆ ଏବଂ ୨୦୦୦ ଇଡି) ବେଆଇନଭାବେ ରଖାଯାଇଥିବା ନେଇ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଖବର ପାଇଥିଲେ। ଏହାପରେ ପଟ୍ଟାଙ୍ଗୀ ପୋଲିସ ପହଞ୍ଚି ସେଠାରୁ ୨ ପ୍ୟାକେଟ ବିସ୍ଫୋରକ ଜବତ କରିଛି। ଏଥିରେ ୩୦ ପିସ୍ କୋଡେକ୍ସ ୱାୟାର, ୨୦୦ ପିସ୍ ଜିଲୋଟିନ ଏବଂ ଡିଟୋନେଟର ରହିଛି। ବାକି ୧୩ ବିସ୍ଫୋରକ ପ୍ୟାକେଟ ପୋଲିସ ଆସିବା ଆଗରୁ ଅନ୍ୟତ୍ର ସ୍ଥାନାନ୍ତର କରି ଦିଆଯାଇଥିଲା। ଏହି ଘଟଣାରେ ସୁପ୍ରଭାଇଜର ବି.ବାଲୁଙ୍କୁ ଗିରଫକରି ପୋଲିସ କୋର୍ଟଚାଲାଣ କରିଛି। କ୍ରଶର ମାଲିକ ଶ୍ରୀନିବାସ ରେଡ୍ଡୀ ଫେରାର ହୋଇଯାଇଛନ୍ତି। ୭୨/୨୦ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି।

# ମୁକ୍ତ ହେଲେଣି ୧୬,୭୮୯ କଏଦୀ

କଟକ ଅଫିସ,୨୯।୭

ରାଜ୍ୟରେ ଥିବା ଜେଲ୍‌ଗୁଡ଼ିକରେ ବର୍ତ୍ତମାନ କରୋନା ବ୍ୟାପିବାରେ ଲାଗିଛି। ପ୍ରାୟ ୮୫ଟି ଜେଲ୍ ମଧ୍ୟରୁ ୮ଟି ଜେଲ୍‌ରେ କରୋନା ପ୍ରବେଶ କରିସାରିଲାଣି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜେଲ୍‌ରୁ କଏଦୀମାନଙ୍କୁ ମୁକ୍ତ କରାଯାଉଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ମୋହର ବାଜିବା ପରେ ରାଜ୍ୟର ୧୬ ହଜାର ୭୮୯ ଜଣ କଏଦୀଙ୍କୁ ମୁକ୍ତି ଦିଆଯାଇଛି। ଏଥିରେ ୧୬ ହଜାର ୬୩୯ ଜଣ ବିଚାରାଧୀନ କଏଦୀ ଥିବାବେଳେ ୧୫୦ ଜଣ ଦଣ୍ଡ ପାଇଥିବା ଆସାମୀ ରହିଛନ୍ତି।

ଓଡ଼ିଶାର ଅଧିକାଂଶ ଜେଲ୍‌ରେ କ୍ଷମତାଠାରୁ ଅଧିକ ସଂଖ୍ୟକ କଏଦୀ ରହୁଛନ୍ତି। ଜେଲ୍‌ରେ ଭିଡ଼ ଯୋଗୁ ସଂକ୍ରମଣ ଆଶଙ୍କା ଥିବାରୁ ପ୍ରତ୍ୟେକ ରାଜ୍ୟରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇ କଏଦୀଙ୍କୁ ମୁକୁଳାଇବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉକ୍ତ କ୍ଷମତାସମ୍ପନ୍ନ କମିଟି ଗଠିତ ହୋଇଛି। ଏଥିରେ ସଦସ୍ୟ ଭାବେ ଗୃହ ବିଭାଗର ମୁଖ୍ୟ ଶାସନ ସଚିବ, ଡିଜି (ଜେଲ୍) ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ରହିଛନ୍ତି। ଜେଲ୍ ନିର୍ଦ୍ଦେଶାଳୟ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୨୦୨ ଜଣ କଏଦୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେହିଭଳି ମାର୍ଚ୍ଚ ୨୦ରୁ ଜୁଲାଇ ୨୮ ସୁଦ୍ଧା ୧୬ ହଜାର ୬୩୯ ଜଣ ବିଚାରାଧୀନ କଏଦୀ ଓ ୧୫୦ ଜଣ ଦଣ୍ଡ ପାଇଥିବା କଏଦୀଙ୍କୁ ମୁକ୍ତ କରାଯାଇଛି। ବ୍ରହ୍ମପୁର ସର୍କଲ୍ ଜେଲ୍‌ରୁ ସର୍ବାଧିକ କଏଦୀଙ୍କୁ ବାହାର କରାଯାଇଛି। ଏହି ଜେଲ୍‌ରୁ ୫,୧୮୪ ଜଣ ବିଚାରାଧୀନ କଏଦୀ ଓ ୪୭ ଜଣ ଦଣ୍ଡପ୍ରାପ୍ତ କଏଦୀଙ୍କୁ ମିଶାଇ ମୋଟ ୫,୨୩୧ ଜଣଙ୍କୁ ମୁକ୍ତି ଦିଆଯାଇଛି। ସମ୍ବଲପୁର ସର୍କଲ୍ ଜେଲ୍‌ରୁ ୩,୭୧୬ ଜଣ କଏଦୀ ମୁକ୍ତି ପାଇଛନ୍ତି। ଏଥିରେ ୩,୬୯୭ ଜଣ ବିଚାରାଧୀନ ଓ ୧୯ ଜଣ ଦଣ୍ଡପ୍ରାପ୍ତ କଏଦୀ ରହିଛନ୍ତି। କଟକ ସର୍କଲ୍ ଜେଲ୍‌ରୁ ୩,୪୬୫ଜଣ କଏଦୀ ମୁକ୍ତି ପାଇଛନ୍ତି। ଏମାନଙ୍କ ମଧ୍ୟରେ ୩,୪୩୪ ଜଣ ବିଚାରାଧୀନ ଓ ୩୧ ଜଣ ଦଣ୍ଡପ୍ରାପ୍ତ କଏଦୀ ଅଛନ୍ତି। ବାରିପଦା ସର୍କଲ୍ ଜେଲ୍‌ରୁ ୨,୭୧୮ ଜଣ ବିଚାରାଧୀନ ଓ ୧୫ ଜଣ ଦଣ୍ଡପ୍ରାପ୍ତ କଏଦୀଙ୍କୁ ମିଶାଇ ୨,୭୩୩ ଜଣଙ୍କୁ ମୁକ୍ତି ଦିଆଯାଇଛି। କୋରାପୁଟ ସର୍କଲ୍ ଜେଲ୍‌ରୁ ୧୬୪୪ ଜଣ ମୁକ୍ତି ପାଇଛନ୍ତି। ଏଥିରେ ୧୬୦୬ ଜଣ ବିଚାରାଧୀନ ଓ ୩୮ ଜଣ ଦଣ୍ଡପ୍ରାପ୍ତ କଏଦୀ ରହିଛନ୍ତି।

**ଜେଲ୍‌ରେ କରୋନା ଭୟ**

- ୮ ଜେଲ୍‌ରେ ପ୍ରବେଶ କଲାଣି କରୋନା
- ୧୨୦୨ କଏଦୀ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି
- ବ୍ରହ୍ମପୁର ସର୍କଲ୍ ଜେଲ୍‌ରୁ ସର୍ବାଧିକ ୫,୨୩୧ କଏଦୀ ମୁକ୍ତ ହୋଇଛନ୍ତି

**ଇ-ମୁଲାକାତ୍‌ରେ କଏଦୀଙ୍କୁ ଭେଟୁଛନ୍ତି ସମ୍ପର୍କୀୟ**

ଜେଲ୍‌ରେ ସଂକ୍ରମଣ ରୋକିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ନିଆଯାଇଛି। କେବଳ ଇ-ମୁଲାକାତ୍ ମାଧ୍ୟମରେ ସମ୍ପର୍କୀୟଙ୍କ ସହ କଏଦୀମାନେ ସାକ୍ଷାତ କରିପାରୁଛନ୍ତି। ଆଇନଜୀବୀ କିମ୍ବା ସମ୍ପର୍କୀୟଙ୍କୁ କଏଦୀଙ୍କ ପାଖକୁ ଛଡ଼ାଯାଉନାହିଁ। ଭିଡିଓ କନଫରେନ୍ସ ଜରିଆରେ କଥା ହେଉଛନ୍ତି। ସେହିଭଳି ଜେଲ୍‌କୁ ଆସୁଥିବା କଏଦୀମାନଙ୍କ ଥର୍ମାଲ୍ ସ୍କ୍ରିନିଂ ମଧ୍ୟ କରାଯାଉଛି। ନୂଆ କଏଦୀଙ୍କୁ ସ୍ୱତନ୍ତ୍ର ସେଲ୍‌ରେ ୧୪ ଦିନ ପାଇଁ ସଙ୍ଗରୋଧରେ ରଖାଯାଉଛି।



ବର୍ଷୀୟାନ ଅଭିନେତା ବିଜୟ ମହାନ୍ତିଙ୍କ ଦଶାହ ଅବସରରେ ବୁଧବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଡ୍ରାମା ବିଭାଗର ୧୯୯୦ ବ୍ୟାଚ୍ ଆଲୁମ୍‌ନି ପକ୍ଷରୁ ବିନ୍ଦୁସାଗରରେ ତିଳତର୍ପଣ କରାଯାଉଛି।

# ବସ୍‌ଷ୍ଟାଣ୍ଡରେ ପ୍ରସବ କଲେ ମହିଳା



ଆମ୍ବୁଲାନ୍ସରେ ମହିଳା ଓ ଶିଶୁକନ୍ୟାକୁ ନିଆଯାଉଛି।

ନୟାଗଡ଼ ଅଫିସ, ୨୯।୭

କରୋନା ଆକ୍ରାନ୍ତ କହି ସ୍ୱାସ୍ଥ୍ୟକେନ୍ଦ୍ରରୁ ରାତିରେ ଜଣେ ଗର୍ଭବତୀଙ୍କୁ ତଡିଦିଆଗଲା। ରାତିତମାମ ବସ୍‌ଷ୍ଟାଣ୍ଡରେ ଛୋଟ ଝିଅକୁ ଧରି ସମୟ ଅତିବାହିତ କଲେ ମହିଳା। ବୁଧବାର ସକାଳେ ସେ ଏକ ଶିଶୁକନ୍ୟାକୁ ଜନ୍ମଦେବା ପରେ ଅସୁସ୍ଥ ହୋଇପଡିଥିଲେ। ଏପରି ସମୟରେ ଜଣେ ଖବରଦାତା ଦେବଦୂତ ସାଜି ପ୍ରସୂତି ସହ ନବଜାତ ଶିଶୁକନ୍ୟାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନୟାଗଡ଼ ଜିଲା ରଣପୁର ବ୍ଲକ ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁସାରେ ରଣପୁର ବ୍ଲକ ଗୁଣ୍ଡୁରିଆ ଗାଁର ହାଇଦର ଖାଁଙ୍କ ସ୍ତ୍ରୀ ମୟୂରମ ବିବିଙ୍କର ମଙ୍ଗଳବାର ରାତିରେ ପ୍ରସବ ଯନ୍ତ୍ରଣା ହୋଇଥିଲା। ସ୍ୱାମୀ ଅନୁପସ୍ଥିତ ଥିବାରୁ କୌଣସିମତେ ମୟୂରମ ୧୦୨ ଆମ୍ବୁଲାନ୍ସ ଡକାଇ ୧୦ ବର୍ଷର ଝିଅ ସହ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାତୃ ଶିଶୁ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ କରୋନା ହୋଇଛି ଦର୍ଶାଇ ଜଣେ ଷ୍ଟାଫ୍‌ନର୍ସ ତାଙ୍କୁ ତଡ଼ି ଦେଇଥିଲେ। ସେ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ଡାକ୍ତର ନ ଥିଲେ। ଏଭଳି ସମୟରେ ମୟୂରମ କିଛି ଉପାୟ ନ ପାଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ସୁନାଖଳା ବସ୍‌ଷ୍ଟାଣ୍ଡକୁ ଯାଇ ରାତି କଟାଇଥିଲେ। ବୁଧବାର ସକାଳେ ଶିଶୁକନ୍ୟା ଜନ୍ମ ହେବା ପରେ ପ୍ରସୂତି ନାହି ନାଡ କାଟିପାରି ନ ଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା' ପିଲା ବସ୍‌ଷ୍ଟାଣ୍ଡରେ ପଡି ରହିଥିଲେ। ଘଟଣାସ୍ଥଳରେ ଖବରଦାତା ଆର୍ତ୍ତତ୍ରାଣ ପ୍ରଧାନ ପହଞ୍ଚି ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ। ଆମ୍ବୁଲାନ୍ସ କର୍ମଚାରୀଙ୍କ ସହଯୋଗରେ ନାହି ନାଡକୁ କାଟିଥିଲେ। ପରେ ସେ ଶିଶୁକନ୍ୟା ସହ ମା' ଓ ବଡଝିଅକୁ ଧରି ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏ ନେଇ ସିଡିଏମ୍‌ଓ ରଞ୍ଜିତା ବିଶ୍ୱାଳ କୁହନ୍ତି, ଗତ ରାତିରେ କେହି ଗର୍ଭବତୀ ମହିଳାଙ୍କୁ ତଡିଦେଇ ନାହାନ୍ତି। ଜଣେ ପୁରୁଷ ଡାକ୍ତର ଥିବାରୁ ମହିଳା ଜଣକ ଚେକ୍‌ଅପ କରିବାକୁ ଦେଇ ନ ଥିଲେ। ଏପରି କି ସାଙ୍ଗରେ ଆଣିଥିବା ଝିଅକୁ ନେଇ କାହାକୁ ନ ଜଣାଇ ଚାଲିଯାଇଥିଲେ। ପିଲା ଜନ୍ମ ପରେ ପୁଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ।

**କରୋନା କହି ସ୍ୱାସ୍ଥ୍ୟକେନ୍ଦ୍ରରୁ ତଡ଼ିଦେଲେ**

## ବିଜୟ କୁମାର ନାଲ୍‌କୋ ପ୍ରଡକ୍ସନ ନିର୍ଦ୍ଦେଶକ



ବଅଁରପାଳ, ୨୯।୭(ଡି.ଏନ.ଏ.): ଅନୁଗୋଳ ଜିଲା ବଅଁରପାଳଠାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ନୂତନ ପ୍ରଡକ୍ସନ ନିର୍ଦ୍ଦେଶକ ଭାବେ ବିଜୟ କୁମାର ଦାସଙ୍କୁ ବୁଧବାର ମନୋନୀତ କରାଯାଇଛି। ବର୍ତ୍ତମାନ ସେ ନାଲ୍‌କୋ କର୍ପୋରେଟରେ ନିର୍ବାହୀ ନିର୍ଦ୍ଦେଶକ ରହିଛନ୍ତି। ଏବେ ପ୍ରଡକ୍ସନ ନିର୍ଦ୍ଦେଶକ ରହିଥିବା ଭି. ବାଲ୍ ସୁବ୍ରମଣ୍ୟମଙ୍କ କାର୍ଯ୍ୟକାଳ ଆସନ୍ତା ଡିସେମ୍ବରରେ ଶେଷ ହେବ। ତେଣୁ ଏହି ପଦବୀ ପାଇଁ ବୁଧବାର ଏକ ସାକ୍ଷାତକାର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଇଡି ବିଜୟ କୁମାର ଦାସ, ଇଡି କାଳୀକିଙ୍କର ପଣ୍ଡା, ମହାପ୍ରବନ୍ଧକ ସୁଶୀଲ କୁମାର ପାଢ଼ି, ମହାପ୍ରବନ୍ଧକ ଅମିୟ କୁମାର ସ୍ୱାଇଁ, ଭୀମସେନ ପ୍ରଧାନ, ସୁଧୀର ରଞ୍ଜନ ପଟ୍ଟନାୟକ, ସତୀଶ କୁମାର ରାୟ ଓ ପୁନିତ କୁମାର ଶର୍ମା ପ୍ରମୁଖ ସାକ୍ଷାତକାରରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଜୟ କୁମାରଙ୍କୁ ଏହି ବିଭାଗର ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି। ଆସନ୍ତା ଜାନୁୟାରୀରେ ବିଜୟ କୁମାର ନୂଆ ଦାୟିତ୍ୱ ନେବେ ବୋଲି ଜଣାପଡିଛି। ନାଲ୍‌କୋ ଏମ୍ପ୍ଲଇଜ ସଂଘର ନିର୍ମଳ ସାମଲ, ଏନ୍‌ଏସ୍‌ସିୟୁର ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ସୁଜିତ ସେଠ, ମନୋଜ ସ୍ୱାଇଁ, ଶ୍ରମିକ ନେତା ବିନୋଦ ସାମଲ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ନିୟମ ଉଲ୍ଲଂଘନ ନେଇ ବିଜେଡି-ଭାଜପା କଥା କଟାକଟି

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ସମ୍ବଲପୁର ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିଶେଷ ଭାବେ କୋଭିଡ୍ ଏବଂ ଅଣକୋଭିଡ୍ ରୋଗୀଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ବିଧାୟକ ଜୟନାରାୟଣ ମିଶ୍ର ଓ ବିଧାୟକ ନାଉରୀ ନାଏକ ମଙ୍ଗଳବାର ଯାଇଥିଲେ। ହେଲେ ସେମାନଙ୍କୁ ସେଠାରୁ ତଡ଼ି ଦେବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ନିନ୍ଦନୀୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିବା ସହିତ ଶାସକ ଦଳ ନେତାଙ୍କ ନିୟମ ଉଲ୍ଲଂଘନର ଫଟୋ ଜାରି କରାଯାଇଛି।

ବୁଧବାର ଏକ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ପଶ୍ଚିମ ଓଡ଼ିଶାରେ କରୋନା ସ୍ଥିତି ସଙ୍ଗିନ ହେଉଛି। ଏହାର ସୁପରିଚାଳନା ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ବନ୍ଦୋବସ୍ତ ନେଇ ଜନ ପ୍ରତିନିଧି ଭାବେ ଦୁଇ ବିଧାୟକଙ୍କ ବଡ଼ ଦାୟିତ୍ୱ ରହିଛି। ଏହି ଦାୟିତ୍ୱକୁ ପାଳନ କରିବା ପାଇଁ ଏମାନେ ବଦ୍ଧ ପରିକର। ଜୟନାରାୟଣ ଓ ନାଉରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଜଣା ନୁହନ୍ତି। ସେମାନେ ନିର୍ବାଚିତ ଜନ ପ୍ରତିନିଧି। ଜିଲାପାଳ ସୈଜନ୍ୟତା ଦୃଷ୍ଟିରୁ ସେମାନଙ୍କୁ ଦେଖା କରିପାରିଥାଆନ୍ତେ। ମାତ୍ର ଯାହା ବ୍ରିଟିଶ ଶାସନରେ ହୋଇ ନ ଥିଲା, ମାତ୍ର ଜିଲାପାଳ ଦୁଇ ବିଧାୟକଙ୍କ ବିରୋଧରେ ବିଭିନ୍ନ ସଙ୍ଗିନ ଦଫା ଲଗାଇ ଜୋର ଜବରଦସ୍ତ ପାଟି ବନ୍ଦ କରିବାକୁ ଅପଚେଷ୍ଟା କରିଛନ୍ତି। ଜିଲା ପ୍ରଶାସନ ଯେତେ ବି ନାଲି ଆଖି ଦେଖାଇଲେ ଭାଜପା ଜନତାଙ୍କ ସମସ୍ୟା ଉଠାଇବ। ଶାସକ ଦଳ ବିଧାୟକ ଓ ମନ୍ତ୍ରୀମାନେ କୋଭିଡ୍ ନିୟମର ଉଲ୍ଲଘନ କରିଛନ୍ତି। ଶାସକ ଦଳ ପାଇଁ ଗୋଟିଏ ନିୟମ ହୋଇଥିବା ବେଳେ ବିରୋଧୀଙ୍କ ପାଇଁ କାହିଁକି ଅଲଗା ବୋଲି ସମୀର ପ୍ରଶ୍ନ କରିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଭାଜପା ଅଭିଯୋଗ ଉପରେ ପଲଟା ପ୍ରଶ୍ନ ଉଠାଇଛନ୍ତି, ଭାଜପା ବିଧାୟକ ୧୦୦ ଲୋକଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଙ୍କର ଆଲୋଚନା କରିବାର ଥିଲା ତେବେ ୨ରୁ ୩ଜଣଙ୍କୁ ସାଙ୍ଗରେ ନେଇ ଯାଇଥାଆନ୍ତେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କୋଭିଡ ନିୟମ ମାନିବାକୁ ବାରମ୍ବାର ଅନୁରୋଧ କରୁଥିବା ବେଳେ ଜଣେ ଜନ ପ୍ରତିନିଧି ହୋଇ ଗହଳି କରିବା ମାସ୍କ ନ ପିନ୍ଧିବା ଅତ୍ୟନ୍ତ ଖରାପ କଥା।

**ବିଧାୟକ-ପୋଲିସ ମୁହାଁମୁହିଁ ଘଟଣା**

# କରୋନାକୁ ହରାଇଲେ ୮୫ ବର୍ଷୀୟ ପୁରୁଷ



କୁକୁଡାଖଣ୍ଡି ବିଡିଓ ଓ ମେଡିକାଲ ଅଫିସର ଅଭିମନ୍ୟୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ଛତ୍ରପୁର,(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୯।୭

ଗଞ୍ଜାମ ଜିଲାର ଜଣେ ୮୫ ବର୍ଷୀୟ ବ୍ୟକ୍ତି କରୋନାରୁ ସୁସ୍ଥ ହୋଇଛନ୍ତି। ସେ ହେଲେ କୁକୁଡ଼ାଖଣ୍ଡି ବ୍ଲକ ଦକ୍ଷିଣପୁର ପଞ୍ଚାୟତର ଅଭିମନ୍ୟୁ ସାହୁ। ଅଭିମନ୍ୟୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଏବେ ଘରେ ସୁସ୍ଥ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। କୁକୁଡାଖଣ୍ଡି ବିଡିଓ ଗଦାଧର ପାତ୍ର ଓ ମେଡିକାଲ ଅଫିସର ରାମଚନ୍ଦ୍ର ମହାପାତ୍ର ଅଭିମନ୍ୟୁଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିବା ଜିଲାପାଳ ଜଣାଇଛନ୍ତି। ସୂଚନାଯୋଗ୍ୟ, କରୋନା ଲକ୍ଷଣ ଥିବାରୁ ଗତ ୧୦ ତାରିଖରେ ଅଭିମନ୍ୟୁଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ୧୬ରେ ରିପୋର୍ଟ ପଜିଟିଭ୍ ଆସିବାରୁ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଭିମନ୍ୟୁ ମାତ୍ର ୪ ଦିନରେ ସୁସ୍ଥ ହୋଇ ୨୦ ତାରିଖରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ଏହାପୂର୍ବରୁ ସୋରଡ଼ା ବ୍ଲକ ଅନ୍ତର୍ଗତ ସରାବାଡ଼ିର ଜଣେ ୯୫ ବର୍ଷୀୟ ବ୍ୟକ୍ତି କରୋନାରୁ ସୁସ୍ଥ ହୋଇଛନ୍ତି।

# ମୃତ୍ୟୁର ୪ ଦିନ ପରେ ପରିବାରକୁ ଖବର

ବ୍ରହ୍ମପୁର ଅଫିସ,୨୯।୭

ଗଞ୍ଜାମ ଜିଲାରେ ଏବେ କରୋନା ସ୍ଥିତି ଅସମ୍ଭାଳ ହୋଇପଡିଛି। ଶୀତଳାପଲ୍ଲୀରେ ଥିବା ଟାଟା କୋଭିଡ୍ ହସ୍ପିଟାଲରେ ସାଙ୍ଘାତିକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମୃତ୍ୟୁ ହୋଇଥିବା ଜଣେ ରୋଗୀଙ୍କ ପରିବାରକୁ ଘଟଣାର ୪ ଦିନ ପରେ ଖବର ଦିଆଯାଇଛି। ଏହାକୁ ନେଇ ଏବେ ଉତ୍ତେଜନା ପ୍ରକାଶ ପାଇବା ସହ ଏହି ମାମଲା ଥାନା ପର୍ଯ୍ୟନ୍ତ ଯାଇଛି।

ଘଟଣାରୁ ପ୍ରକାଶ, ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଗଣପତି ନଗର ୨ୟ ସାହିର ବସନ୍ତ କୁମାର ସାହୁ (୪୯) ଗତ ୧୯ ତାରିଖରେ ଟାଟା କୋଭଡ୍ ହସ୍ପିଟାଲରେ ଆଡ଼ମିଟ୍ ହୋଇଥିଲେ। ଗତ ୨୪ ତାରିଖ ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହ ବସନ୍ତ ଫୋନରେ କଥାବାର୍ତ୍ତା କରୁଥିଲେ। କିନ୍ତୁ ୨୪ ପରଠାରୁ ତାଙ୍କ ଫୋନ ଆଉ ଲାଗିଲା ନାହିଁ। ଫଳରେ ପରିବାର ଲୋକେ ହସ୍ପିଟାଲର ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିଥିଲେ। ହେଲେ ତୁମ ରୋଗୀ ଆଇସିୟୁରେ ଅଛନ୍ତି, ଅକ୍ସିଜେନ ଲାଗିଛି ବୋଲି ହସ୍ପିଟାଲ କର୍ମଚାରୀ ପରିବାର ଲୋକଙ୍କୁ ସୂଚନା ଦେଉଥିଲେ। ୨୭ ତାରିଖ ପର୍ଯ୍ୟନ୍ତ ପରିବାର ଲୋକେ କୋଭିଡ୍ ହସ୍ପିଟାଲ ସହ କଥାବାର୍ତ୍ତା ଜାରି ରଖିଥିଲେ। କିନ୍ତୁ ମଙ୍ଗଳବାର ରାତିରେ ହସ୍ପିଟାଲରୁ ଫୋନ ଆସିଥିଲା ବସନ୍ତଙ୍କର ଗତ ୨୪ ତାରିଖରୁ ମୃତ୍ୟୁ ହୋଇସାରିଛି। ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ମଙ୍ଗଳବାର ରାତିରେ ବଡ଼ବଜାର ଥାନା ଓ ପରେ ଗୋପାଳପୁର ଥାନାକୁ ଯାଇ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲା ପରେ ଟାଟା କୋଭଡ୍ ହସ୍ପିଟାଲର ସିଇଓ ତଥା ହାଇଟେକ ମେଡିକାଲ କଲେଜର ଡା.ସଂଗ୍ରାମ ପାତ୍ର ଏକ ପ୍ରେସ ନୋଟ ଜାରି କରି ବସନ୍ତଙ୍କ ୨୪ ତାରିଖରେ ମୃତ୍ୟୁ ହୋଇଥିଲା। ହେଲେ ତାଙ୍କ ପରିବାର ଲୋକଙ୍କ ମୋବାଇଲ ନମ୍ବର କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯୋଗାଯୋଗ ହୋଇପାରି ନ ଥିଲା। ମୃତଦେହକୁ ୪ ଦିନ ହେବ ସଂରକ୍ଷିତ କରି ରଖାଯିବା ସହ ପରିବାର ଲୋକଙ୍କୁ ଖୋଜିବାକୁ ବିଏମ୍‌ସି ଓ ଆସିକା ବିଡିଓଙ୍କୁ କୁହାଯାଇଥିଲା ବୋଲି ମେଡିକାଲ ଅଫିସର ଡା.ଉମାଶଙ୍କର ମିଶ୍ର କହିଛନ୍ତି।

**ଟାଟା କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା**





ଟାଟା କୋଭିଡ ହସ୍ପିଟାଲ।

# ରିଟେଲର ନେଇଛନ୍ତି ଏକାଧିକ କାର୍ଡ

ଯାଜପୁର ଅଫିସ, ୨୯।୭

ଯାଜପୁର ଜିଲା ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ରିଟେଲରମାନେ ତାଙ୍କ ପରିବାରବର୍ଗଙ୍କ ନାମରେ ଏକାଧିକ ରାଶନକାର୍ଡ ଓ ଅନ୍ତ୍ୟୋଦୟ କାର୍ଡ ହାତେଇଥିବା ସୂଚନା ମିଳିଛି। ଗଳାବାଟରେ ରିଟେଲରମାନେ ଶତାଧିକ ମୃତ ବ୍ୟକ୍ତିଙ୍କ ନାମରେ କାର୍ଡ ରଖିଥିବାବେଳେ ବାସ୍ତବ ହିତାଧିକାରୀ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। ଏ ନେଇ ହାଇକୋର୍ଟରେ ଅଭିଯୋଗ ହେବାପରେ ମିଥ୍ୟା ସତ୍ୟପାଠ ଦାଖଲ ଏବଂ ହିତାଧିକାରୀଙ୍କୁ ମତ ବଦଳାଇବାକୁ ହାତଗୁଞ୍ଜା ଦେଉଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଆଉ କେତେ ପ୍ରମାଣ ଦେଲେ ଜିଲା ପ୍ରଶାସନ ବିଶ୍ୱାସ କରି ଦୁର୍ନୀତିଗ୍ରସ୍ତ ରିଟେଲର, ଏମ୍‌ଆଇ ଓ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଅଭିଯୋଗକାରୀ ସର୍ବେଶ୍ୱର ବେହୁରା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ନିକଟରେ ନ୍ୟାୟ ମିଳୁ ନ ଥିବାରୁ ରିଟେଲର ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ରାଶନକାର୍ଡ ଓ ଅନ୍ତ୍ୟୋଦୟ କାର୍ଡ ବିରୋଧରେ ପୁଣି ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ଅଭିଯୋଗକାରୀ ବେହୁରା ସୂଚନା ଦେଇଛନ୍ତି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଅଣ୍ଡିଆ ପଞ୍ଚାୟତରେ ଚକ୍ରଧର ବଳ ରିଟେଲର ରହିଛନ୍ତି। ସେ ତାଙ୍କ ପରିବାରଙ୍କ ନାମରେ ୩ଟି କାର୍ଡ ନେଇଛନ୍ତି। ଏଥିରେ ତାଙ୍କ ସ୍ତ୍ରୀ ଓ ବୋହୂଙ୍କ ନାମରେ ୨ଟି ଅନ୍ତ୍ୟୋଦୟ କାର୍ଡ ରହିଛି। ମାସକୁ ୩୫ କିଗ୍ରା ଚାଉଳ ଅନୁସାରେ ୨ ଜଣଙ୍କ ନାମରେ ୭୦ କିଗ୍ରା ଲେଖାଏଁ ଚାଉଳ ଦୀର୍ଘ ବର୍ଷ ଧରି ହଡ଼ପ କରି ଚାଲିଛନ୍ତି। ସେହିପରି ବଳଙ୍କ ଅବିବାହିତ ଝିଅଙ୍କ ନାମରେ ମଧ୍ୟ ଏକ ରାଶନକାର୍ଡ ରହିଛି। ଏହି ବ୍ଲକର ଉତ୍ତରପ୍ରତାପ ପଞ୍ଚାୟତର ରିଟେଲର ଜୟରାମ ସାହୁ ତାଙ୍କ ସ୍ତ୍ରୀଙ୍କ ନାମରେ ରାଶନକାର୍ଡ ଓ ମା'ଙ୍କ ନାମରେ ଅନ୍ତ୍ୟୋଦୟ କାର୍ଡ ନେଇଛନ୍ତି। ଏହାସହ ୨ ଥିଲାବାଲା ଭାଇଙ୍କ ନାମରେ ମଧ୍ୟ ରାଶନକାର୍ଡ ହାସଲ କରିଥିବା ଜଣାପଡିଛି। କ୍ଷେତ୍ରପାଳ ପଞ୍ଚାୟତର ରିଟେଲର ରବୀନ୍ଦ୍ର ଦାସ ତାଙ୍କ ସ୍ତ୍ରୀଙ୍କ ନାମରେ ରାଶନକାର୍ଡ ପାଇଥିବା ବେଳେ ଥିଲାବାଲା ୪ ଭାଇଙ୍କ ନାମରେ ରାଶନକାର୍ଡ ହାତେଇଛନ୍ତି। ଦୁଇ ମହଲା ପକ୍କାଘର ଥାଇ କେମିତି ରାଶନକାର୍ଡ ପାଇଲେ କିମ୍ବା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଡ ଫେରାଇଲେ ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗକାରୀ ବେହୁରା ଦାବି କରିଛନ୍ତି। ଏହା ପୂର୍ବରୁ ଜିଲାର ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର ହିତାଧିକାରୀ ମୃତ ପାର୍ବତୀ ସାହାଣୀ ଓ କମାଗଡ଼ର ରମା ବେହେରାଙ୍କ ନାମରେ ରାଶନ ସାମଗ୍ରୀ ହଡପ ଘଟଣା ଜଣାପଡିବା ପରେ ବିଭିନ୍ନ ଗ୍ରାମର ଏକାଧିକ ପରିବାର ନାମରେ ରାଶନ ସାମଗ୍ରୀ ହଡପ ଅଭିଯୋଗ ହୋଇଥିଲା। ଏ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଦୁର୍ନୀତିଖୋର ଡିଲର ଓ ପ୍ରଚ୍ଛଦପଟରେ ସହଯୋଗୀ ସାଜିଥିବା କର୍ମଚାରୀ ତଥା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ଉପଜିଲାପାଳ, ଡିଆର୍‌ଡିଏର ପିଡି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସାମାଜିକ କର୍ମୀ ବେହୁରା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହାପରେ ମିଥ୍ୟ ସତ୍ୟପାଠ ନାଟକ ଦେଖିବାକୁ ମିଳିଥିଲା। ଏହାର ତଦନ୍ତ କରିବାକୁ ଯାଇ ଏମ୍‌ଆଇ ଗ୍ରାମବାସୀଙ୍କ ଦ୍ୱାରା ହଟହଟା ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଭଳି ସ୍ଥିତିରେ ରିଟେଲରମାନେ ତାଙ୍କ ପରିବାରବର୍ଗଙ୍କ ନାମରେ ରାଶନ ଓ ଅନ୍ତ୍ୟୋଦୟ କାର୍ଡ ହାସଲ କରିବା ଜିଲାର ଯୋଗାଣ ବିଭାଗର ଅକ୍ଷମତାକୁ ପଦାରେ ପକାଇଛି। ଜିଲାର ହଜାର ହଜାର ପରିବାର କୁଡ଼ିଆ ଘରେ ଅତି ଦୟନୀୟ ଭାବେ ବାସ କରୁଛନ୍ତି। ସେମାନଙ୍କୁ ରାଶନକାର୍ଡ ମିଳୁ ନ ଥିବାବେଳେ କେତେଜଣ ଥିଲାବାଲା ବ୍ୟକ୍ତି ରାଜନୈତିକ ଛତ୍ରଛାୟା ତଳେ ରହି ଏସବୁର ଲାଭ ଉଠାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ତଦନ୍ତ ହେବ। ତେବେ ଧର୍ମଶାଳା ବ୍ଲକର ରିଟେଲରମାନେ କାର୍ଡ ହାତେଇଥିବା ଅଭିଯୋଗ ଏ ଯାଏ ସେ ପାଇନାହାନ୍ତି। ଅଭିଯୋଗ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ପୁଣି ପଦାରେ ପଡିଲା ରାଶନକାର୍ଡ ଦୁର୍ନୀତି**

- ଚାହିଁ ରହିଛନ୍ତି ପ୍ରକୃତ ହିତାଧିକାରୀ
- ହାଇକୋର୍ଟରେ ମାମଲା ରୁଜୁ ପାଇଁ ପ୍ରସ୍ତୁତ

